ସାମି ପୂରା ଫିଟ୍ : ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ଖେଳିବେ !

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୧୧ ● ୧୦ ଡିସେମ୍ବର ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-311 ● 10th December 2024, Tuesday ● Bhubaneswar | Licensed to post without pre-payment of postage No- BN-60/25-27

ସମ୍ବିଧାନ ବିତର୍କରେ ସାମିଲ ହେବେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୯/୧୨

ଭାରତୀୟ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ଲୋକସଭାରେ ବିତର୍କ ଅନୁଷ୍ଠିତ ହେବ। ଆସନ୍ତା ୧୩ ଓ ୧୪ ଦୁଇ ଦିନ ଧରି ବିଭିନ୍ନ ଦଳର ସଦସ୍ୟ ସମ୍ବିଧାନ ଉପରେ ହେବାକୁ ଥିବା ଏହି ବିତର୍କରେ ଭାଗ ନେଇ ନିଜର ମତ ଉପସ୍ଥାପନ କରିବେ।

ଗୃହରେ ସବୁ ସଦସ୍ୟ ମତ ରଖି ସାରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ପକ୍ଷ ରଖିବେ। ଡିସେମ୍ବର ୧୪ରେ ପ୍ରଧାନମନ୍ତ୍ରୀ ସମ୍ବିଧାନ ବିତର୍କରେ ଭାଗ ନେଇ ଜବାବ ରଖିବେ ବୋଲି ଜଣାପଡ଼ିଛି। ସମ୍ବିଧାନ ଉପରେ ବିତର୍କ ୧୩ ଓ ୧୪ ଦୁଇ ଦିନ ଧରି ଲୋକସଭାରେ ଓ ଡିସେମ୍ବର ୧୬ ଓ ୧୭ରେ ରାଜ୍ୟସଭାରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ମୋଦି ଲୋକସଭାରେ ମତ ରଖିବାକୁ ଯାଉଥିବା ବେଳେ ରାଜ୍ୟସଭାରେ ବିତର୍କର ନେତୃତ୍ୱ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନେବେ। ସେ ଡିସେମ୍ବର ୧୬ରେ ରାଜ୍ୟସଭାରେ ନିଜର ପକ୍ଷ ରଖିବେ। ନଭେମ୍ବର ୨୫ ତାରିଖରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଥିଲା। ତେବେ ସମ୍ବିଧାନକୁ ନେଇ ବିତର୍କ ଦାବିରେ ବାରମ୍ବାର ହଙ୍ଗାମା ଓ ଗୃହ ମୁଲତବୀ ହୋଇଥିଲା। ଯାହାକୁ ନେଇ ଡିସେମ୍ବର ୨ରେ ସର୍ବଦଳୀୟ ବୈଠକ ଡାକିଥିଲେ ବାଚସ୍ପତି ଓମ୍ ବିର୍ଲା। ଏହି ବୈଠକରେ ସମ୍ବିଧାନ ଉପରେ ବିତର୍କ ପାଇଁ ସବୁ ଦଳର ସଦସ୍ୟ ସହମତି ପ୍ରକାଶ କରିଥିଲେ।

ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ଆସିବ ଅନାସ୍ଥା ପ୍ରସ୍ତାବ, ଏକାଠି ହେଲେ ବିରୋଧୀ

ନୂଆଦିଲ୍ଲୀ, ୯/୧୨

ରାଜ୍ୟସଭା ଅଧ୍ୟକ୍ଷ ତଥା ଉପ ରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ବିରୋଧରେ ଆସିବ ଅନାସ୍ଥା ପ୍ରସ୍ତାବ। ତାଙ୍କୁ ଅଧ୍ୟକ୍ଷ ପଦରୁ ହଟାଇବା ପାଇଁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଗୋଟିଏ ପ୍ରସ୍ତାବ ରାଜ୍ୟସଭାରେ ଆଗତ କରିବେ। ସମ୍ବିଧାନର ଧାରା ୬୭(ବି) ଅଧୀନରେ ବିରୋଧୀ ମେଣ୍ଟ ଇଣ୍ଡିଆ ପକ୍ଷରୁ ଏପରି ଅନାସ୍ଥା ପ୍ରସ୍ତାବ ଉପସ୍ଥାପନ କରାଯିବ ବୋଲି ଜଣାପଡ଼ିଛି। ରାଜ୍ୟସଭାକୁ ପରିଚାଳନା କରିବା ବେଳେ ଅଧ୍ୟକ୍ଷ ଧନଖଡ଼ ପାତରଅନ୍ତର କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ସେ ସରକାରୀ ଦଳର ସଦସ୍ୟଙ୍କ ପ୍ରତି ନରମ ମନୋଭାଗ ରଖୁଥିବା ବେଳେ ବିରୋଧୀଙ୍କୁ କହିବାକୁ ଉପଯୁକ୍ତ ସୁଯୋଗ ଦେଉ ନାହାନ୍ତି। ତେଣୁ ତାଙ୍କୁ ଅଧ୍ୟକ୍ଷ ପଦରୁ ହଟାଇବା ପାଇଁ ବିରୋଧୀଙ୍କ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଅଣାଯାଉଛି।

ଗୃହରେ ଉପସ୍ଥାପନ ହେବାକୁ ଥିବା ଅନାସ୍ଥା ପ୍ରସ୍ତାବରେ ଏବେଠାରୁ ୭୦ ଜଣ ସାଂସଦ ଦସ୍ତଖତ କରିସାରିଲେଣି। ଖୁବ୍‌ଶୀଘ୍ର ଅନ୍ୟମାନେ ଏଥିରେ ଦସ୍ତଖତ କରିବେ। କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଚାହୁଁଥିବା ବେଳେ ଏହାକୁ ଟିଏମସି, ଆପ, ସାମାଜବାଦୀ ପାର୍ଟି ଓ ଇଣ୍ଡିଆ ବ୍ଲକରେ ଥିବା ବାକି ଦଳଗୁଡ଼ିକ ସମର୍ଥନ କରିଛନ୍ତି। ସେମାନେ ଗୋଟିଏ ସ୍ୱରରେ ଅଧ୍ୟକ୍ଷ ଧନଖଡ଼ଙ୍କ ବିରୋଧରେ ସଂକଳ୍ପ ଆଣିବାକୁ ରାଜି ହୋଇଛନ୍ତି।

ଇଣ୍ଡିଆ ବ୍ଲକର ସାଂସଦମାନେ ନିୟମିତ ଭାବେ ଅଭିଯୋଗ କରି ଚାଲିଛନ୍ତି ଯେ ରାଜ୍ୟସଭା ଅଧ୍ୟକ୍ଷ ଧନଖଡ଼ ଉଚ୍ଚ ସଦନରେ ଶାସକ ଦଳର ସଦସ୍ୟଙ୍କ ପ୍ରତି ଅଧିକ ସହାନୁଭୂତି ଦେଖାଉଛନ୍ତି। ବିରୋଧୀ ସଦସ୍ୟମାନେ ମତ ରଖୁଥିବା ବେଳେ ସେ ଏଥିରେ ହସ୍ତକ୍ଷେପ କରୁଛନ୍ତି, *(ପୃଷ୍ଠା ୭ରେ)*

ସଞ୍ଜୟ ମାଲହୋତ୍ରା ରିଜର୍ଭ ବ୍ୟାଙ୍କର ନୂଆ ଗଭର୍ଣ୍ଣର ନିଯୁକ୍ତ

ନୂଆଦିଲ୍ଲୀ, ୯/୧୨

ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ)ର ନୂଆ ଗଭର୍ଣ୍ଣର ଭାବେ ନିଯୁକ୍ତି ପାଇଛନ୍ତି ସଞ୍ଜୟ ମାଲହୋତ୍ରା। ବର୍ତ୍ତମାନ ଦେଶର ରାଜସ୍ୱ ସଚିବ ଭାବେ କାମ କରୁଥିବା ସଞ୍ଜୟ ମାଲହୋତ୍ରା ଆସନ୍ତା ବୁଧବାରରୁ ଆରବିଆଇର ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିବେ।

ଆରବିଆଇ ଗଭର୍ଣ୍ଣର ଭାବେ ଏବେ ଶକ୍ତିକାନ୍ତ ଦାସ କାର୍ଯ୍ୟ କରୁଛନ୍ତି। ତାଙ୍କ କାର୍ଯ୍ୟକାଳ ମଙ୍ଗଳବାର ଶେଷ ହେଉଛି। ସେ ୨୦୧୮ରୁ ଆରବିଆଇ ଗଭର୍ଣ୍ଣର ଭାବେ କାର୍ଯ୍ୟ କରି ଆସୁଥିଲେ। *(ପୃଷ୍ଠା ୭ରେ)*

ରାଜ୍ୟସଭା ଉପନିର୍ବାଚନ: ପ୍ରାର୍ଥୀପତ୍ର ଦାଖଲ କଲେ ବିଜେପିର ସୁଜିତ କୁମାର

ଭୁବନେଶ୍ୱର, ୯/୧୨
ନ୍ୟୁଜ ବ୍ୟୁରୋ

ରାଜ୍ୟସଭା ଉପନିର୍ବାଚନ ଲାଗି ବିଜେପି ପ୍ରାର୍ଥୀ ଭାବେ ସୁଜିତ କୁମାର ସୋମବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନାମାଙ୍କନ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ସମେତ ୩୦ଜଣ ବିଧାୟକ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ।

ବିଜେପି ସଂସଦୀୟ ବୋର୍ଡ ରାଜ୍ୟସଭା ଉପନିର୍ବାଚନ ପ୍ରାର୍ଥୀ ଭାବେ ସୁଜିତ କୁମାରଙ୍କ ନାଁରେ ମୋହର ମାରିବା ପରେ ସେ ସୋମବାର ଅପରାହ୍ନରେ ବିଧାନସଭା ପରିସରକୁ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟି ଆଲୋଚନା କରିଥିଲେ। ଏହା *(ପୃଷ୍ଠା ୭ରେ)*

ପ୍ରବାସୀ ଭାରତୀୟ ଦିବସ ପାଇଁ ଭୂମି ପୂଜନ

ଭୁବନେଶ୍ୱର, ୯/୧୨
ନ୍ୟୁଜ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ହେବ ୧୮ ତମ ପ୍ରବାସୀ ଭାରତୀୟ ଦିବସ। ଆସନ୍ତା ଜାନୁଆରୀ ୮ ତାରିଖରୁ ୧୧ ତାରିଖ ଯାଏଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ଅବସରରେ ରାଜଧାନୀ ଭୁବନେଶ୍ୱର ଜନତା ମଇଦାନରେ ସୋମବାର ଭୂମିପୂଜନ କରାଯାଇଛି। ୪ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୭୦୦୦ ପ୍ରବାସୀ ଭାରତୀୟ *(ପୃଷ୍ଠା ୭ରେ)*



30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୦ ଡିସେମ୍ବର, ମଙ୍ଗଳବାର, ୨୦୨୪

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ 'ଓଡ଼ିଶା ରିସର୍ଚ୍ଚ କନକ୍ଲେଭ-୨୦୨୪'

ବାଲେଶ୍ୱର, ନ୍ୟୁଜ୍

ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଚଳିତ ମାସ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଥିବା 'ଓଡ଼ିଶା ରିସର୍ଚ୍ଚ କନକ୍ଲେଭ-୨୦୨୪'ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ, ଅନୁସନ୍ଧାନକାରୀ ଏବଂ ଶିଳ୍ପାନୁଷ୍ଠାନର ବିଶିଷ୍ଟ ବ୍ୟକ୍ତିବିଶେଷ ତଥା ଶିଳ୍ପପତିମାନଙ୍କ ମଧ୍ୟରେ ଏକ ଅଭିନବ ଅନୁସନ୍ଧାନ ଆଲୋଚନା ଏବଂ ସହଯୋଗ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ ଲକ୍ଷ୍ୟ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏହି ତ୍ରିଦିବସୀୟ କନକ୍ଲେଭର ଆୟୋଜନ କରାଯାଉଛି ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଏହି କନକ୍ଲେଭ୍‌ର ସୁପରିଚାଳନା ନିମନ୍ତେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ନେଇ ଗଠିତ ୨୫ଟି କମିଟିର ସଂଯୋଜକ ମାନଙ୍କଠାରୁ କାର୍ଯ୍ୟକ୍ରମର ଅଗ୍ରଗତିର ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ ।

ଅନୁସନ୍ଧାନକାରୀ ଏବଂ ଉଦ୍ଭାବକମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରିବା, ଜ୍ଞାନ ବିନିମୟକୁ ଉତ୍ସାହିତ କରିବା, ନୂତନ ଚିନ୍ତାଧାରାକୁ ପ୍ରେରଣା ଦେବା ଏବଂ ଅଧିବେଶନ ଏବଂ ନେଟୱାର୍କିଙ୍ଗ ସୁଯୋଗ ମାଧ୍ୟମରେ ଓଡ଼ିଶା, ଜାତୀୟ-ଆନ୍ତର୍ଜାତିକ ସ୍ତରରେ ଗବେଷଣା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ରହିଛି ।

ଅମଳ ପରବର୍ତ୍ତୀ ଯନ୍ତ୍ର ଓ ପ୍ରକ୍ରିୟାକରଣ ନେଇ ତାଲିମ କାର୍ଯ୍ୟକ୍ରମ

ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ

କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର ଆନୁକୂଲ୍ୟରେ ଅମଳ ପରବର୍ତ୍ତୀ ଯନ୍ତ୍ର ଓ ପ୍ରକ୍ରିୟାକରଣ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବଦ୍ୟାଳୟ ଅଧୀନସ୍ଥ ଅମଳ ପରବର୍ତ୍ତୀ ବୈଷୟିକ ଜ୍ଞାନ ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପର ମୁଖ୍ୟ ଗବେଷଣା ଯନ୍ତ୍ରୀ ପ୍ରଫେସର୍ ଉମାଶଙ୍କର ପାଲ ଓ ବୈଷୟିକ କର୍ମଚାରୀ ନବକିଶୋର ସାହୁ ଯୋଗ ଦେଇ ବିଭିନ୍ନ ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଯନ୍ତ୍ରପାତି ଯଥା ରବର ଯୁକ୍ତ ଧାନ କଳ, କ୍ଷୁଦ୍ର ଡାଲି କଳ, ଗୋଡ଼ି କାଢ଼ିବ ମେସିନ୍, ସୌର ଶକ୍ତି ଚାଳିତ ସୁଖେଇବା ଯନ୍ତ୍ର, ଛତୁଆ ତିଆରି ଯନ୍ତ୍ର, କ୍ଷୁଦ୍ର ତେଲ କଳ, ବାଦାମ କଳ, ଏଲେଚ୍ଚି ମୁଡ଼ି ତିଆରି ଯନ୍ତ୍ର, ଚୁଡ଼ା କଳ, ପରିବା ରଖିବା ପାଇଁ କୁଲ ଚାମ୍ବର ଇତ୍ୟାଦି ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ଏହି ପରିପେକ୍ଷିରେ ବଡ଼ି ପକେଇବା ଯନ୍ତ୍ର ଓ ଗୁଆ ଛଡ଼ା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ବଡ଼ି ପାକ ଯନ୍ତ୍ର ବ୍ୟବହାର କରି ଅତି ସହଜରେ ଗୋଟା ବଡ଼ି ଓ ଫୁଲ ବଡ଼ି ପକା ଯାଇପାରେ । ଏହି ଯନ୍ତ୍ର ଦ୍ୱାରା ଏକ ଘଣ୍ଟାରେ ଅତି ସହଜରେ ୫ ରୁ ୬ କେଜି ବଡ଼ି ପକାଯାଇ ପାରିବ । ଗୁଆ ଛଡା ଯନ୍ତ୍ର ଉଭୟ ଶୁଖିଲା ଓ କଞ୍ଚା ଗୁଆରୁ ଚୋପା ଛଡ଼ାଇବା ପାଇଁ ବ୍ୟବହାର କରାଯାଏ । ହସ୍ତ ଚାଳିତ ଗୁଆ ଛଡା ଯନ୍ତ୍ର ବ୍ୟବହାର କରି ଘଣ୍ଟାକୁ ୬ ରୁ ୭ କେଜି ଗୁଆ ଛଡା ଯାଇପରେ । ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ଜଗତସିଂହପୁରର କୃଷି ଯନ୍ତ୍ରପାତି ବୈଜ୍ଞାନିକ ଡ଼ ଦ୍ୱାରିକା ମୋହନ ଦାସ ପରିଚାଳନା କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ ଜୀବନଜିତ୍ ସେନ୍ ଯୋଗଦେଇ ଖାଦ୍ୟ ପ୍ରକ୍ରିୟାକରଣ ଦ୍ୱାରା ଚାଷୀମାନେ ଲାଭବାନ ହୋଇ ପାରିବେ ବୋଲି ଅବାଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହ ପୁର ମୃତ୍ତିକା ବୈଜ୍ଞାନିକ ଡ଼ ପ୍ରଦୀପ୍ତ ମାଝୀ, ଫସଲ ସଂରକ୍ଷଣ ବୈଜ୍ଞାନିକ ଦେବାଶିଷ ପଣ୍ଡା, ସସ୍ମିତା ପୁରୋହିତ ଡ. ବିଛିନା ମୈତ୍ରୀ ରାଉତ, ବିଜୟିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବେଥାନି ସାମାଜିକ ସଂଗଠନ ତରଫରୁ ମାଡାମ୍ ଗ୍ରେଶୀ, ସମାଜସେବୀ ସୁଶ୍ରୀ ଶୁଭଶ୍ରୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ ।

କବି ଅପର୍ତି ସେଠୀଙ୍କୁ କୁସୁମ ଟିଭି ପ୍ରତିଭା ସମ୍ମାନ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲାର ଜଣାଶୁଣା ବ୍ୟଙ୍ଗକବି ଅପର୍ତି ଚରଣ ସେଠୀଙ୍କୁ କୁସୁମଟିଭି ପ୍ରାୟୋଜିତ ପ୍ରତିଭା ସମ୍ମାନ ୨୦୨୪ରେ ସମ୍ମାନୀତ କରାଯାଇଛି । ଏକ ସମାରୋହରେ ନୂଆଖାଇ ଭେଟଘାଟ ଉତ୍ସବରେ ଶ୍ରୀ ସେଠୀଙ୍କୁ କୁସୁମ ଟିଭି ଚ୍ୟାନେଲ୍‌ର ସଭାପତି କୁସୁମ ମଞ୍ଜରୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଅଭିନେତ୍ରୀ ଡଃ. ସ୍ୱପ୍ନାରାଣୀ ପାତ୍ର, ଦୀପକ ପଣ୍ଡା, ଶ୍ରୀତମ ଦାସ, ସିନେ କଳାକାର ସମ୍ମିତ ସାହୁ, ଆଇନ୍‌ଜୀବୀ ସୁରେଶ ପଣ୍ଡା, କୈଳାସ ନାୟକ ପ୍ରମୁଖ ଅଭିନେତା ଓ ଅଭିନେତ୍ରୀ ଯୋଗଦେଇ ଶ୍ରୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଜଗତସିଂହପୁର ସଦରମହକୁମାକୁ ଟ୍ରେନ ସଂଯୋଗ ପାଇଁ ରେଳ ମନ୍ତ୍ରୀଙ୍କୁ ଦାବି ଜଣାଇଲେ ବିଧାୟକ

ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ

ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିବାକୁ ପ୍ରୟାସ କରିଛନ୍ତି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ । ଜଗତସିଂହପୁରବାସୀଙ୍କ ଦୀର୍ଘ ଦିନର ଦାବିକୁ ତଥା ଜଗତସିଂହପୁର ଆଭ୍ୟନ୍ତର ଦେଇ ଟ୍ରେନ ଯିବାକୁ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ଆୟତନ ଦୃଷ୍ଟିକୋଣରୁ ଜଗତସିଂହପୁର ଜିଲ୍ଲା ସବୁଠୁ କ୍ଷୁଦ୍ରତମ ଜିଲ୍ଲା ହେଲେ ମଧ୍ୟ ସାଂସ୍କୃତିକ ସମୃଦ୍ଧି ଓ ସାମାଜିକ ଅର୍ଥନୈତିକରେ ବେଶ୍ ଖ୍ୟାତି ଅର୍ଜନ କରିଛି ଜଗତସିଂହପୁର ଜିଲ୍ଲା । ଇତିହାସ କୁହେ ହିନ୍ଦୁ, ଇସଲାମ, ମରାଠାମାନେ ପୂର୍ବେ ବେପାର ବାଣିଜ୍ୟ ପାଇଁ ଜଗତସିଂହପୁରକୁ ବାଛିଥିଲେ । ୧୬୦୦ ଖ୍ରୀଷ୍ଟାବ୍ଦରେ ଇଷ୍ଟ ଇଣ୍ଡିଆ କମ୍ପାନୀ ତକ୍‌ାଳର ଫିରିଙ୍ଗ କୁଦ ବର୍ତ୍ତମାନର ଶ୍ରୀକୃଷ୍ଣ ଏକାଡ଼େମୀକୁ ବାଣିଜ୍ୟର ମୁଖ୍ୟ କେନ୍ଦ୍ରବିନ୍ଦୁ କରିଥିଲେ । କ୍ୟାପଟେନ ବ୍ରୁଟନ ୧୬୩୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏହାକୁ ପରିଚାଳନା କରିଥିଲେ । ପରେ ମରାଠା ପ୍ରଶାସକ ଏଠାରେ ୧୭୪୮ମସିହାରେ ଜଗତ ସିଂଙ୍କୁ ରାଜସ୍ୱ ସଂଗ୍ରହ ପାଇଁ ନିୟୋଜିତ କରିଥିଲେ । ୧୭୮୬ ପରେ ଜଗତ ସିଂଙ୍କ ନାମ ପରେ ଏହା ହରିହରପୁର ଏବଂ ହରିହରପୁରରୁ ଜଗତସିଂହପୁରକୁ ରୂପାନ୍ତରିତ ହୋଇଥିଲା । ସ୍ୱାଧୀନତା ଆନ୍ଦୋଳନ ସମୟରେ ଜଗତସିଂହପୁର ନିଜର ଅର୍ଥନୈତିକ, ଐତିହ୍ୟ ସମ୍ପନ୍ନ ସଂଗ୍ରାମୀମାନଙ୍କୁ ଜନ୍ମ ଦେଇ ବେଶ୍ ଖ୍ୟାତି ଅର୍ଜନ କରିପାରିଥିଲା । ଜଗତସିଂହପୁରର ଅଳକା ଆଶ୍ରମ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ କେନ୍ଦ୍ରବିନ୍ଦୁ ଥିଲା । ଜଗତସିଂହପୁରର ମହାନ ସ୍ୱାଧୀନତା ସଂଗ୍ରାମୀ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ମାଳତୀଦେବୀ, ବୀର କିଶୋର ଦାସ, ଅର୍ଦ୍ଧପୂର୍ଣ୍ଣା ମହାରଣା, ପ୍ରଣାକୃଷ୍ଣ ପଡ଼ିଆରୀ, ଗୌରାଙ୍ଗ ଦାସ ମହାପାତ୍ର, ବିଶ୍ୱମ୍ଭର ପରିଡ଼ା, ପ୍ରିୟନାଥ ଦେ, ନିଶାମଣି ଖୁଣ୍ଟିଆ, ବୈକୁଣ୍ଠ ନାଥ ମହାନ୍ତି ଆଦି ଦେଶ ପାଇଁ କାରାବରଣ ଯାଇ ବ୍ରିଟିଶ ବିରୋଧରେ ଲଢ଼ି ସ୍ୱାଧୀନତା ଆଣି ଦେଇଥିଲେ । ଇତିହାସକୁ ପରଖିଲେ ଜଣାଯାଏ ଜଗତସିଂହପୁରକୁ ବ୍ରିଟିଶ୍‌ମାନେ ବେପାର ବାଣିଜ୍ୟ ପାଇଁ ମୁଖ୍ୟ ପେଣ୍ଠସ୍ଥଳ ଭାବେ ବାଛିଥିଲେ । ବାଣିଜ୍ୟରେ ଗମନାଗମନ ପାଇଁ ଅଳକା ନଦୀକୁ ସେମାନଙ୍କ ମୁଖ୍ୟ ଭାବେ ବ୍ୟବହାର କରୁଥିଲେ । ଜଗତସିଂହପୁରର ସଦର ମହକୁମାରୁ କଟକ ଗମନାଗମନକୁ ଦେଖିବାକୁ ଗଲେ ବସ୍ ଅଟୋ ଉପରେ ସମସ୍ତ ଯାତ୍ରୀ ନିର୍ଭର କରନ୍ତି । ଜିଲ୍ଲାର ମୁଖ୍ୟ ରାସ୍ତାଟି ସେତେ ପ୍ରଶସ୍ତ ନ ହେବାରୁ ରାସ୍ତାଘାଟରେ ସର୍ବଦା ଜାମ୍ ରୁହେ । ବିଭିନ୍ନ ସମୟରେ ଦୁର୍ଘଟଣା ବି ଘଟୁଛି । ଏସବୁ ସମସ୍ୟାକୁ ଦୂର କରିବା ପାଇଁ କନ୍ଦରପୁରରୁ ଛପଡ଼ା ମଧ୍ୟରେ ଜଗତସିଂହପୁର ମୁଖ୍ୟାଳୟକୁ ଯୋଡ଼ିବା ପାଇଁ ରେଳ ମନ୍ତ୍ରୀଙ୍କୁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଚିଠି ଲେଖିଛନ୍ତି । ଯେଉଁଥିରେ କି ଜଗତସିଂହପୁର ଆଉ ଟିକେ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବା ସହିତ ସାଧାରଣ ଜନତା ବହୁତ ଉପକୃତ ହୋଇପାରିବେ ବୋଲି ଆଶା ରଖିଛନ୍ତି । ତତ୍‌ସହିତ ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ କନ୍ଦରପୁର ଓଭର ବ୍ରିଜ୍, ଛପଡ଼ା ନିକଟରେ ଓଭର ବ୍ରିଜ୍ ପାଇଁ ଦାବି ଜଣାଇଛନ୍ତି ।

ପଦ୍ମଶ୍ରୀ ଡ଼ଃ ରାଧାନାଥଙ୍କ ଜୟନ୍ତୀ ପାଳିତ

ଭୁବନ, ନ୍ୟୁଜ୍‌ବ୍ୟୁରୋ

ଭୁବନ ଆଞ୍ଚଳିକ ସାହିତ୍ୟ, କଳା, ସେବା ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ତୁଳସୀ ଭବନ ଠାରେ ପଦ୍ମଶ୍ରୀ ଡଃ. ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଣୀ ରବୀନ୍ଦ୍ର କୁମାର ହୋତା, ଚିତ୍ରଶିଳ୍ପୀ ନାରାୟଣ ସାହୁ, ଭଗବାନ ଗୁରୁ, ଇଂ. ଈଶ୍ୱର ଚନ୍ଦ୍ର ବେହେରା, ଶ୍ରୀଧର ବେହେରା, କବୟିତ୍ରୀ ତୁଳସୀ ରାଣୀ ବେହେରା, ବିଳାସିନୀ ପୁଷ୍ଟି ପ୍ରମୁଖ ଯୋଗଦେଇ ଡ଼ଃ. ରାଧାନାଥ ରଥ ସମ୍ବାଦ, ସାହିତ୍ୟ କ୍ଷେତ୍ରରେ ଏକ ସ୍ମରଣୀୟ ଉଜାରଣ । ଡ଼ଃ. ରଥଙ୍କ ସଂପାଦକୀୟ 'ଝିଟିପିଟି କହେ' ଓଡ଼ିଶାର ଜନ ଜୀବନର ନିଛକ ପ୍ରତିଛବି ତଥା ଦୁଃଖର କାହାଣୀ ବର୍ଣ୍ଣନା କରି ଲୋକସେବକ ମଣ୍ଡଳର ସଭାପତି ସହ ବିଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତାବହ ସାଜିଥିଲେ । ପ୍ରଚଣ୍ଡ ଧିଶକ୍ତି ତଥା ନିର୍ଭୀକ ସାମ୍ବାଦିକତା ଯୋଗୁ ତାଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରାଯାଇଥିଲା । କର୍ମଯୋଗୀ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଲିଖିତ କାବ୍ୟାବଳୀକୁ ଡ଼ଃ. ରଥ ପ୍ରକାଶ କରି ଉତ୍କଳ ସମ୍ମିଳନୀକୁ ପ୍ରଦାନ କରିଥିଲେ ବୋଲି ବକ୍ତା ମାନେ ମତବ୍ୟକ୍ତ କରି ସ୍ମୃତି ଚାରଣ କରିଥିଲେ ।

ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି, ଲେଖକମାନେ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଅନୁଷ୍ଠାନର ସମ୍ପାଦକ ସୁରେନ୍ଦ୍ର କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

ପୁରୀରେ ପୋଲିସ ଆଇନ ୩୦ ଧାରା ୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର

ପୁରୀ, ନ୍ୟୁଜ୍‌ବ୍ୟୁରୋ

ପୋଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି । ଏହା ଚଳିତ ବର୍ଷ ନଭେମ୍ବର ୨୮ ତାରିଖ ଠାରୁ ୨୦୨୫ ମସିହା ଫେବୃୟାରୀ ୨୫ ତାରିଖ ୯୦ ଦିନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ସମସ୍ତ ପୋଲିସ ଷ୍ଟେସନ ଅଞ୍ଚଳ, ପୁରୀ ପୌର ପରିଷଦ, ପିପିଲି, କୋଣାର୍କ ଓ ନିମାପଡା ଏନଏସି ଅଞ୍ଚଳରେ ବଳବତ୍ତର ରହିବ । ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା, ମାଇକ ବ୍ୟବହାରକୁ ବେଆଇନ ଘୋଷଣା କରାଯାଇଛି ।

ନାଟ୍ୟ ସମ୍ମାନରେ ସମ୍ମାନିତ ହେଲେ ଲଲାଟେନ୍ଦୁ ମହାନ୍ତି

ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ

ଇଣ୍ଟରନ୍ୟାସନାଲ ଥିଏଟର୍ସ, ଭୁବନେଶ୍ୱର ପକ୍ଷରୁ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଭଦ୍ରକର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କୁ 'ନାଟ୍ୟ' ସମ୍ମାନରେ ସମ୍ମାନିତ କରାଯାଇଛି । ଶ୍ରୀ ମହାନ୍ତି ପ୍ରସିଦ୍ଧ ମୋଗଲ ତାମ୍‌ସା ଠାରୁ ଆରମ୍ଭ କରି ବହୁ ନାଟକରେ ନିର୍ଦ୍ଦେଶନା ଦେଇ ନିଜ ନାଟ୍ୟ ପ୍ରତିଭାର ପରାକାଷ୍ଠା ପ୍ରତିପାଦନ କରିପାରିଛନ୍ତି । ସେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା କୋଲକାତା ଖିଦିରପୁର ଶ୍ରୀଜଗନ୍ନାଥ ମନ୍ଦିରର ଜଣେ ପ୍ରତିଷ୍ଠାତା ସଦସ୍ୟ ରହିବା ଅବସରରେ କଲିକତାରେ ମଧ୍ୟ ବହୁ ନାଟକରେ ନିର୍ଦ୍ଦେଶନା ଦେଇ ସଫଳ ପ୍ରଦର୍ଶନ କରାଇଛନ୍ତି । ବହୁ ସଂସ୍ଥା ପକ୍ଷରୁ ସମ୍ମାନିତ ତଥା ସମ୍ବର୍ଦ୍ଧିତ ଶ୍ରୀ ମହାନ୍ତି ଇଣ୍ଟର-ନ୍ୟାସନାଲ ଥିଏଟର୍ସ ପକ୍ଷରୁ ସମ୍ମାନିତ ହେବା ଅବସରରେ ସେ ଇଣ୍ଟରନ୍ୟାସନାଲ ଥିଏଟର୍ସର ନିର୍ଦ୍ଦେଶକ ମିହିର କୁମାର ମେହେର ଏବଂ ଉତ୍ତର ଓଡ଼ିଶା ଶାଖା ସମ୍ପାଦକ ନାଟ୍ୟଶ୍ରୀ ନିର୍ମଳ ରାଉତଙ୍କୁ ବିଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି । ତାଙ୍କର ଏହି ସମ୍ମାନ ପ୍ରାପ୍ତିରେ ଭଦ୍ରକର ନାଟ୍ୟପ୍ରେମୀ, ଅଭିନେତା ଅଭିନେତ୍ରୀଙ୍କ ମହଲରେ ଖୁସିର ମାହୋଲ ଦେଖାଦେଇଛି ।

ଆଧାର କାର୍ଡ ସଂଶୋଧନର ସରଳୀକରଣ ହେଉ

ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ

ଆଧାର କାର୍ଡ ସଂଶୋଧନର ସରଳିକରଣ ହେଉ, ଏ ସଂପର୍କରେ ସାଧାରଣରେ ଦାବି ହେଉଛି । ଆଧାର କାର୍ଡ ପ୍ରସ୍ତୁତ ବେଳେ ଅବା ସଂଶୋଧନ ବେଳେ ବହୁ ତ୍ରୁଟି ବିଚ୍ୟୁତ ହୋଇଥିବା ଜଣାପଡ଼ିଛି । ଟାଇପ୍ କରିବା ସମୟରେ ଭୁଲ ଟାଇପ ଯୋଗୁଁ କିମ୍ବା ମନମୁଖୀ ଭାବେ ଟାଇପ କରାଯାଇଥିବାରୁ ଗଞ୍ଜାମ ଜିଲାର ଶହଶହ ବ୍ୟକ୍ତି ଆଧାର କାର୍ଡରେ ଜନ୍ମ ତାରିଖ ଭୁଲ୍ ହୋଇଛି । ଏ ଧରଣର କାର୍ଡଧାରୀ ବିଭିନ୍ନ ହଟହଟାର ସମ୍ମୁଖୀନ ହେଉଛନ୍ତି । ଆଧାର କେନ୍ଦ୍ରରେ ଏହାର ସଂଶୋଧନ ହେଉନାହିଁ ଜନ୍ମ ସାର୍ଟି ଦାଖଲ କଲେ ମଧ୍ୟ । ଏଥିପାଇଁ କୁଆଡେ ଘୋଷଣାପତ୍ର (ଡିକ୍ଲେସନ ଫର୍ମ ପୂରଣ କରି ଜନ୍ମ ପ୍ରମାଣପତ୍ର ସହ ରେଜିଓନାଲ ଅଫିସରେ ଦାଖଲ କଲେହିଁ ଆଧାର କାର୍ଡରେ ଜନ୍ମ ତାରିଖ ବଦଳି ପାରିବ । ଜଣେ ସାଧାରଣ କିମ୍ବା ଅଶିକ୍ଷିତ ବ୍ୟକ୍ତି ରେଜିଓନାଲ ଅଫିସ୍‌କୁ ଯାଇ ତା'ର ଆଧାରକାର୍ଡ ସଂଶୋଧନ କରିବା ସମ୍ଭବପର କି ? ଏଣୁ ଆଧାର କେନ୍ଦ୍ର ଗୁଡିକରେ ଘୋଷଣା ପତ୍ର ଦେଇ ଆଧାର ସଂଶୋଧନ କରିବା ବ୍ୟବସ୍ଥା ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରହଣ କରିବାକୁ ଦାବି ହେଉଛି ।

ବ୍ରହ୍ମପୁର ମହାନଗର ନିଗମରେ କର୍ପୋରେଟରଙ୍କ ବଢୁଛି ଅସନ୍ତୋଷ

ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ

ବ୍ରହ୍ମପୁର ମହାନଗର ନିଗମରେ ଥିବା କର୍ପୋରେଟରଙ୍କ ମଧ୍ୟରେ ଅସନ୍ତୋଷର ନିଆଁ ଜଳୁଛି । ବିଭିନ୍ନ କାରଣକୁ ନେଇ ନିଗମରେ ନିୟୋଜିତ ସରକାରୀ ଅଧିକାରୀଙ୍କ ଉପରେ କର୍ପୋରେଟରମାନେ ସହ ସମ୍ପର୍କ ଠିକ ନ ଥିବା ଦେଖିବାକୁ ମିଳିଛି । ସମ୍ପ୍ରତି ରାଜ୍ୟରେ ବିଜେପି ସରକାର ଗଢିଥିବା ବେଳେ ବିଜେଡି ସହ ପ୍ରାଥୀମାନଙ୍କ ନିକଟରେ ଅନୁଷ୍ଠିତ କାଉନସିଲ୍ ବୈଠକରେ ବିଇଏମସିର ଅଧିକାରୀମାନଙ୍କ ଉପରେ କର୍ପୋରେଟର ମାନେ ନିଆଁ ବାଣ ହୋଇଥିବା ବେଳେ ମେୟର ବୈଠକ ମଝିକୁ ଆସି ଉଦ୍ୟୁକ୍ତ ଜନ ପ୍ରତିନିଧି ମାନଙ୍କୁ ବୁଝାସୁଝା କରିଥିବାର ଭିଡ଼ିଓ ବି ସାମ୍ନାକୁ ଆସିଥିଲା । ଏବେ ପୁଣି କର୍ପୋରେଟରମାନେ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ମହାନଗର ନିଗମର ଏକାଧିକ କର୍ପୋରେଟର ଜିଲ୍ଲାପାଳଙ୍କ ବାସଭବନ ଯାଇ ସେମାନଙ୍କ ଅସନ୍ତୋଷର କାରଣ ପ୍ରକାଶ କରିବା ସହ ଦାବି ଜଣାଇଥିଲେ । କର୍ପୋରେଟର ଗୋଷ୍ଠୀଙ୍କ ଅଭିଯୋଗ ପ୍ରକାରେ, ବିଇଏମ୍‌ସି କମିଶନର ସମ୍ପ୍ରତି ନିଜ ଇଚ୍ଛା ମୁତାବକ କାର୍ଯ୍ୟ ଚଳାଇଛନ୍ତି । ବିନା କାଉନସିଲ୍ ଅନୁମୋଦନ କିମ୍ବା ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ନଥାଇ ଗୋଟିଏ ବିତାଡ଼ିତ ଟ୍ରଷ୍ଟି ସଦସ୍ୟଙ୍କୁ ରାତି ଅଧିଆ ୬୨ ଲକ୍ଷ ୯୬ ହଜାର ୯୭୫ ଟଙ୍କା ଚେକ୍ ଆକାରରେ ଦବା ବିଧିବ୍ୟବସ୍ଥାର ବିରୁଦ୍ଧାଚରଣ କରିଛି । ଏପରିକି ହରିଶଚନ୍ଦ୍ର ଯୋଜନାର ଅର୍ଥକୁ ମଧ୍ୟ ଦିଆଯାଉନଥିବା ସହ ଏତେ ବଡ ଧନରାଶି ଜଣେ ବିତାଡିତ ଟ୍ରଷ୍ଟି ସଦସ୍ୟଙ୍କୁ ବିନା ନିର୍ଦ୍ଦେଶରେ ଦେବା କେତେ ଦୂର ଠିକ୍ ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଛନ୍ତି । ସେହିପରି ରାଜ୍ୟ ସରକାରଙ୍କ ଡିପିଆର ନକ୍ସାରେ ସ୍ଥାନ ନଥାଇ ହଠାତ୍ ରା

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୦ ଡିସେମ୍ବର ୨୦୨୪ ମଙ୍ଗଳବାର

ଓଡ଼ିଆ ପ୍ରାଣକୁ ସମ୍ବୋଧିତ କରିବାର ମନ୍ତ୍ର ଜାଣିଥିଲେ ଲକ୍ଷ୍ମୀକାନ୍ତ

ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା କାନ୍ତକବିଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସାହିତ୍ୟ ଥିଲା ଜନମୁଖରେ ପ୍ରଚାରିତ ସାହିତ୍ୟ। ଓଡ଼ିଆ ପ୍ରାଣକୁ ସମ୍ବୋଧିତ ଓ ପ୍ରୋତ୍ସାହିତ କରିବାର ମନ୍ତ୍ର ସେ ଜାଣିଥିଲେ। କେବଳ 'ବନ୍ଦେ ଉତ୍କଳ ଜନନୀ' ନୁହେଁ ବରଂ ତାଙ୍କ ରଚିତ ଅନେକ ଗଳ୍ପ, କବିତା ଆଜି ବି ଓଡ଼ିଆ ଜନ ଜୀବନକୁ ମୁଖରିତ କରି ରଖିଛି। ସେ ଏକା ଧାରାରେ ଥିଲେ କବି, ସମ୍ପାଦକ, ନାଟ୍ୟକାର, ଲେଖକ ଓ କଳାକାର। ତାଙ୍କର ଅକ୍ଷୁର୍ଣ୍ଣ ପ୍ରତିଭା ସମ୍ପଦ ଆଜି ବି ଆମର ଏକ ଦୁର୍ଲ୍ଲଭ ଇତିହାସ ବୋଲି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପି.ଏମ୍.ଜି. ଛକ ଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା କାନ୍ତକବିଙ୍କ ୧୩୭ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସୁବାସ ପରିଡ଼ା, ସୁଶାନ୍ତ ସାହୁ, ଚନ୍ଦନ ନାୟକ, ସତ୍ୟବ୍ରତ ଜେନା, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

କନିକା ରାଜ ପରିବାର ଜମି ସରକାରୀ ଖାତାକୁ ଫେରାଇବା ନେଇ ତହସିଲଦାରଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଦାୟର ମାମଲା ବିଚାର ପାଇଁ ହାଇକୋର୍ଟ ଗ୍ରହଣ କଲେ

କଟକ, ନ୍ୟୁଜ୍ ବ୍ୟୁରୋ

ବିକ୍ରି ହୋଇଥିବା କନିକା ରାଜ ପରିବାରର କେତେକ ଜମିକୁ ସରକାରୀ ଖାତାକୁ ଫେରାଇବା ପାଇଁ ରାଜକନିକା ତହସିଲଦାରଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଏଥିସହ ଏହା ଉପରେ ସ୍ଥିତାବସ୍ଥା ଜାରି ପାଇଁ ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଛନ୍ତି । ଫଳରେ ଜମି କ୍ରୟ କରିଥିବା ବ୍ୟକ୍ତିଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି । ରାଜ୍ୟ ସରକାର, ରାଜସ୍ୱ ପର୍ଷଦ ସଭ୍ୟ, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ରାଜକନିକା ତହସିଲଦାର ତଥା ରାଜସ୍ୱ

ଅଧିକାରୀଙ୍କୁ ମାମଲାରେ ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁଜିତ କୁମାର ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ଦେଇଛନ୍ତି । ୨୦୨୫, ଜାନୁଆରୀ ୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଭୂସଂସ୍କାର ଆଇନ୍ ପ୍ରଣୟନ ହେବା ପରେ ୧୯୭୪ରେ ଓଏଲ୍ଆର୍ ସିଲିଂ କେସ୍ ଆରମ୍ଭ ହୋଇଥିଲା । ରାଜସ୍ୱ ପର୍ଷଦଙ୍କ ନିର୍ଦ୍ଦେଶକ୍ରମେ ୨୦୦୪ରେ ଉପରୋକ୍ତ ସିଲିଂ କେସ୍ ଫଏସଲା ହୋଇ ଜମି ସରକାରଙ୍କ ହାତକୁ ଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ରାଜସ୍ୱ ପର୍ଷଦ ଦ୍ୱାରା ୨୦୧୩ରେ ଖାରଜ କରାଯାଇଥିଲା। ସାନି ବିଚାର ପାଇଁ ରାଜକନିକା ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହାଇକୋର୍ଟ ମଧ୍ୟ ୨୦୨୪, ଜାନୁଆରୀ ୩ ସୁଦ୍ଧା ୧୯୭୪ର ଓଏଲ୍ଆର୍ ସିଲିଂ କେସ୍‌ରେ କ୍ରେତାଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ଫଏସଲା କରିବାକୁ ଗତ ୨୦୨୩, ସେପ୍ଟେମ୍ବର ୧୧ରେ ଏକ ମାମଲାରେ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଆବେଦନକାରୀ କ୍ରେତାଙ୍କୁ ପକ୍ଷ ରଖିବାକୁ ସୁଯୋଗ ନଦିଆଯାଇ ଜମିକୁ ସରକାରୀ ଖାତାକୁ ଫେରାଇବା ପାଇଁ ତହସିଲଦାରଙ୍କ ନିର୍ଦ୍ଦେଶ ଆଇନ୍ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ କ୍ଷୀରୋଦ କୁମାର ରାଉତ ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ସୁରେନ୍ଦ୍ର ରାଉଥ, ଜୟନ୍ତୀ ନାୟକ, ସବିତା ବରାଳ, ପ୍ରୀତିନନ୍ଦା ପଟ୍ଟନାୟକ ସହାୟତା କରୁଥିଲେ।

ଇନ୍‌ପୁଟ୍ ରାଶି ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ

କେନ୍ଦୁଝର, ନ୍ୟୁଜ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରଗଡ଼ ଜିଲ୍ଲାର ସୋହେଲା ଠାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ବାଦ ଅତିରିକ୍ତ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଠାରେ ଆୟୋଜିତ ହୋଇଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦ, କେନ୍ଦୁଝର ଅନନ୍ତ ନାୟକ, ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଯୋଗ ଦେଇଥିଲେ । ନିଜ ଅଭିଭାଷଣରେ ସାଂସଦ ଶ୍ରୀ ନାୟକ, ଆଜିର ଦିନ

ଚାଷୀ ଏବଂ ଚାଷ ପାଇଁ ଐତିହାସିକ ବୋଲି ଅଭିହିତ କରି ଉପସ୍ଥିତ ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । କୃଷି ଏବଂ କୃଷକ ମାନଙ୍କ ଆର୍ଥିକ ଅଭିବୃଦ୍ଧି ଲାଗି ଉଦ୍ଦିଷ୍ଟ ଏହି ପଦକ୍ଷେପ ନିଆଯାଇଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ । ଚାଷୀ ଭାଇ ଭଉଣୀ ମାନେ ଯେପରି ଧାନ ସଂଗ୍ରହ, ବିକ୍ରି ଏବଂ ଅତିରିକ୍ତ ଇନ୍‌ପୁଟ୍ ସହାୟତା ପାଇବାରେ ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ବିଶେଷ ଯତ୍ନବାନ୍ ହେବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ ବନ୍ଧୁମାନେ ଯୋଗଦେଇ ବରଗଡ଼ରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ । କୃଷି ବିଭାଗ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସଭାସ୍ଥଳ ସନ୍ନିକଟରେ ବିଭିନ୍ନ ଷ୍ଟଲ୍ ଖୋଲାଯାଇ ଚାଷୀ ବନ୍ଧୁମାନଙ୍କୁ ଚାଷ ଓ ଧାନ ବିକ୍ରୟ ସମ୍ବଳିତ ସୂଚନା ପୁସ୍ତିକା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ପରିଚାଳନା କରିଥିଲେ।

ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ସ୍କୁଲ୍ ବିଲ୍ଡିଂ ନବୀକରଣ

ଭୁବନେଶ୍ୱର/ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ

ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ପକ୍ଷରୁ ଗଞ୍ଜାମ ଜିଲ୍ଲା ଛତ୍ରପୁର ସ୍ଥିତ ନରେନ୍ଦ୍ରପୁର ହାଇସ୍କୁଲ ବିଲ୍ଡିଂର ନବୀକରଣ କରାଯାଇଛି । ଗତ ବାତ୍ୟାରେ ବିଦ୍ୟାଳୟର କୋଠା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ସ୍କୁଲ୍‌ରେ ପାଠ ପଢୁଥିବା ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୩୦ ଛାତ୍ରଛାତ୍ରୀ ଯେପରି ସୁରକ୍ଷିତ ଗୃହରେ ପାଠ ପଢିବେ, ସେ ନେଇ ବିପଦ ସଙ୍କୁଳ ଗୃହର ପୁନରୁଦ୍ଧାର କରିଛି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍। କ୍ଷତିଗ୍ରସ୍ତ ଶ୍ରେଣୀଗୃହର କବାଟ, ଝରକା ଓ ଚଟାଣର ମରାମତି କରାଯାଇଛି। କୋଠାକୁ ପାଣିପାଗ ପ୍ରତିରୋଧୀ ପେଣ୍ଟରେ ରଙ୍ଗ କରାଯିବା ସହ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ଏହାର ବିଦ୍ୟୁତ୍ ବ୍ୟବସ୍ଥାରେ ଉନ୍ନତି କରାଯାଇଛି । ବିଲ୍ଡିଂ ଉଦ୍‌ଘାଟନୀ ସମାରୋହରେ ଟାଟା ଷ୍ଟିଲ୍ ସ୍ପେସିଆଲ୍ ଇକୋନୋମିକ୍ ଜୋନ୍ (ଟିଏସ୍ଏସ୍ଇଜେଡ୍)ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ ଓ ଓଡ଼ିଶା ସିଏସ୍ଆର୍ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସଭିଙ୍କ ପାଖରେ ସମାନ ଭାବରେ ପହଞ୍ଚାଇବା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପୁନରୁଦ୍ଧାର ଅଭିଯାନ କେବଳ ଭିତ୍ତିଭୂମିର ଏକ ପୁନର୍ଗଠନ ନୁହେଁ। ଏହା ହେଉଛି ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରର ଆଶା ଓ ବିଶ୍ୱାସର ପୁନରୁଦ୍ଧାର କରିବା। ଏଭଳି ପଦକ୍ଷେପ ସେମାନଙ୍କ ସମୁଦାୟକୁ ସଶକ୍ତ କରିବା ସହ ଶିକ୍ଷା ଜାରି ରଖିବାକୁ ପ୍ରୋତ୍ସାହିତ କରିବା ବୋଲି ଟିଏସ୍ଏସ୍ଇଜେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ନାୟକ କହିଛନ୍ତି।

ଜିଲ୍ଲା ସ୍ତରୀୟ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଦିନ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ସଭା ଗୃହ ନୂତନ ଜିଲ୍ଲା ସ୍ୱାସ୍ଥ୍ୟ ଚିକିତ୍ସାଳୟ ସୁବର୍ଣ୍ଣପୁର ଠାରେ ଜିଲ୍ଲା ସ୍ତରୀୟ ଟିବି ମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ -୨୦୨୪ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ପ୍ରଦୀପ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସଭାପତି ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ସୂପାର ଠେଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସାଂସଦ ବଲାଙ୍ଗୀରଙ୍କ ଜିଲ୍ଲା ପ୍ରତିନିଧି ଶରତ ଚନ୍ଦ୍ର ଶତପଥୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ମନୋଜ କୁମାର ଅଦାବର, ଅଧ୍ୟକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ଼ା ଦୁର୍ଗା ଦତ୍ତ ଦାସ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି)ଡ଼ା ପଦ୍ମହଂସ୍ ଦୋରା, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଜିଲ୍ଲା କାର୍ଯ୍ୟ ସଂଯୋଜକ ବିଶ୍ୱମ୍ଭର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯକ୍ଷ୍ମା ରୋଗର ଲକ୍ଷଣ, ଚିହ୍ନଟ କରଣ କରି ତୁରନ୍ତ ପୂର୍ଣ୍ଣ ମାତ୍ରାରେ ଔଷଧ ସେବନ କରି ରୋଗୀକୁ ପ୍ରତି ପଦକ୍ଷେପରେ ନିକ୍ଷୟ ମିତ୍ର ହୋଇ ସହଯୋଗ ପ୍ରଦାନ କରି ୨୦୨୫ ସୁଦ୍ଧା ଟିବି ମୁକ୍ତ ଭାରତ ଗଠନ ନିମନ୍ତେ ଜନସଚେତନା ସୃଷ୍ଟି କରିବା ବିଷୟରେ ଜାଣିବା, ବୁଝିବା ଓ ଅନ୍ୟ ମାନଙ୍କୁ ବୁଝାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅତିଥି ବୃନ୍ଦ ୨ ଗୋଟି ସଚେତନତା ଭ୍ୟାନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଯାହାକି ସୁବର୍ଣ୍ଣପୁର ଜିଲ୍ଲାର ପ୍ରତ୍ୟେକ ଗ୍ରାମକୁ ଟିବି ମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ସଚେତନତା ବାର୍ତ୍ତା ପହଞ୍ଚାଇବାରେ ସହାୟକ ହୋଇପାରିବ। ଉକ୍ତ ସଭାରେ ଆଶା, ଏଏନ୍ଏମ୍ ଛାତ୍ରୀ, ନର୍ସିଂ ଅଫିସର ସମସ୍ତ କଂସଲ୍ଟାଣ୍ଟ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ, ସୁଧାଂଶୁ ନାୟକ, ବି.କେ ସାଗରିକା, ସୋଭନା ଦାସ, ତରଣୀ ସେନ ପ୍ରଧାନ ଓ ଗୀତା ଞ୍ଜଳି ମେହେର, ଜ୍ଞାନଜିତ୍ ଶତପଥୀ ତଥା ଏନ୍‌ଟିଇପିର ସମସ୍ତ କର୍ମକର୍ତ୍ତା ପୂର୍ଣ୍ଣ ସହଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବାବେଳେ ଡିପିସି ଏନ୍‌ଟିଇପି ସମୀର ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସିଏମ୍‌ସିର ଡ୍ରେନ୍ କାମବେଳେ ଅଘଟଣ:ଜଣେ ମୃତ, ୨ ଗୁରୁତର

କଟକ, ନ୍ୟୁଜ୍ ବ୍ୟୁରୋ

କଟକରେ ଡ୍ରେନ୍ କାମ ବେଳେ ଅଘଟଣ। ଡ୍ରେନ୍ ନିକଟ କାନ୍ଥ ଭୁଶୁଡ଼ି ଜଣେ ଶ୍ରମିକ ମୃତ। ଅନ୍ୟ ୨ ଶ୍ରମିକ ଗୁରୁତର ହୋଇପଡ଼ିଛନ୍ତି । ସେମାନଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ମୃତ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ବିଡାନାସୀରେ ଡ୍ରେନ୍ କାମ ଚାଲିଥିବାବେଳେ ଘଟିଛି ଏ ଅଘଟଣ। ସିଏମ୍‌ସି ପକ୍ଷରୁ କରାଯାଉଥିଲା ଏହି ଡ୍ରେନ୍ କାମ। ତେବେ କେଉଁ ପରିସ୍ଥିତିରେ ଏ ଅଘଟଣ ଘଟିଛି କାରଣ ଅସ୍ପଷ୍ଟ ରହିଛି ।

ଚାଷୀଙ୍କ ଧାନ କ୍ରୟ ପାଇଁ ଗଠନ ହେବ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ

ଯାଜପୁର, ନ୍ୟୁଜ୍ ବ୍ୟୁରୋ

ଯାଜପୁରର କୁସୁମା ସମ୍ମୁଖସ୍ଥ ପଡିଆ ଠାରେ ଜିଲ୍ଲାସ୍ତରୀୟ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ସମୁଦାୟ ୩୧୦୦ ଟଙ୍କା ପ୍ରଦାନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଲେ ଚଳିତ ବର୍ଷ ସରକାର ଚାଷୀ ମାନଙ୍କ ଠାରୁ ଧାନ କ୍ରୟ ଉପରେ ବହୁତ ଫୋକସ୍ କରୁଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ କରିବା ଦ୍ୱାରା ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବ। ସେମାନେ ଅଧିକ ଉତ୍ପାଦନ କରିବା ସହିତ ଅର୍ଥନୈତିକ କ୍ରିୟାଶୀଳତା ନିମନ୍ତେ ସହାୟକ ହୋଇପାରିବ। ଚାଷୀମାନେ କିଭଳି ମଣ୍ଡିରେ ହଇରାଣ

ହେବେ ନାହିଁ ଏବଂ ସେମାନଙ୍କ ଠାରୁ ଧାନ ଠିକ୍ ସମୟରେ କିଣାଯିବ ଏବଂ ଠିକ୍ ଦାମ୍ ମିଳିବ ସେଥିପ୍ରତି ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରତି ମଣ୍ଡି ପାଇଁ ଜଣେ ଜଣେ ନୋଡାଲ୍ ଅଧିକାରୀ ନିୟୋଜିତ ହୋଇଛନ୍ତି ଓ ୩ ରୁ ୪ଟି ମଣ୍ଡି ପାଇଁ ଜଣେ ଜଣେ ସୁପରଭାଇଜର ରହିବେ। ନୋଡାଲ୍ ଅଧିକାରୀ ଓ ସୁପରଭାଇଜର ମାନେ ଧାନ କ୍ରୟ ପ୍ରକ୍ରିୟା ତଦାରଖ କରିବେ। ଧାନ କ୍ରୟ ପ୍ରକ୍ରିୟାରେ କେବଳ ଯୋଗାଣ ଓ ସମବାୟ ବିଭାଗ ସହିତ ସମସ୍ତ ସରକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସଂପୃକ୍ତ ହେବେ। ବ୍ଲକ, ସବ୍‌ଡିଭିଜନ୍ ଓ ଜିଲ୍ଲାସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରାଯାଇଛି। ପ୍ରତ୍ୟେକ ମଣ୍ଡିରେ ଅସ୍ଥାୟୀ ସେଡ୍ ନିର୍ମାଣ, ଟଏଲେଟ୍ ଓ ପାନୀୟଜଳର ସୁବିଧା କରାଯିବ। ଏଫ୍.ଏ.କ୍ୟୁ ଧାନର ମାନ ସମ୍ପର୍କରେ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ହେବ ଏବଂ ଚାଷୀ ମାନଙ୍କୁ ସଚେତନ କରାଯିବ। ଏହି ସଚେତନତା କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲ୍ଲାର ସୋହେଲା ଠାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କାର ଅତିରିକ୍ତ ଇନ୍‌ପୁଟ୍ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ସିଧା ପ୍ରସାରଣ ଆଭାସୀ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଜିଲ୍ଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିବା ସହିତ ଏଫ୍.ଏ.କ୍ୟୁ ଧାନର ମାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଉପ ଜିଲ୍ଲାପାଳ ଅଂଶୁମାନ ଶତପଥୀ, ଏ.ଆର.ସି.ଏସ୍, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା, ଯାଜପୁର ସାଂସଦଙ୍କ ପ୍ରତିନିଧି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୦ ଗୋଟି ବ୍ଲକ୍‌ରୁ ଚାଷୀ, ସ୍ୱୟଂ ସହାୟକ ସ

ପକ୍ଷାଭକୀୟ

30 YEARS
ସମ୍ବାଦ କଳିକା

ପେଟ୍ରୋଲ ଏବଂ ଡିଜେଲ ଉପରେ ଭଲ ଲାଭ କରୁଛନ୍ତି ତୈଳ କମ୍ପାନୀ

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଏବେ ଖସିଛି । ୮୦ ଡଲାର ତଳେ ବ୍ରେଣ୍ଟ କ୍ରୁଡ୍ । ଏଭଳି ସ୍ଥିତିରେ ନରେନ୍ଦ୍ର ମୋଦି ସରକାର ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ଦେଇପାରନ୍ତି । ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ସାଧାରଣ ନିର୍ବାଚନ ଥିବାବେଳେ ପେଟ୍ରୋଲ ଏବଂ ଡିଜେଲ ଦର ଖସାଇପାରନ୍ତି ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି । କ୍ରମାଗତ ତୃତୀୟ ପାଳି ପାଇଁ କ୍ଷମତାକୁ ଆସିବା ପାଇଁ ଭାରତୀୟ ଜନତା ପାର୍ଟି ରଣନୀତି ପ୍ରସ୍ତୁତ କରିଛି । ଦେଶରେ ଜୀବନଧାରଣ ଖର୍ଚ୍ଚ କମାଇବା ଦିଗରେ ନରେନ୍ଦ୍ର ମୋଦି ସରକାର ଆସନ୍ତା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ଦର କମାଇ ଲୋକଙ୍କୁ ଆଶ୍ୱସ୍ତ କରିପାରନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି ଭାରତରେ ମୁଦ୍ରାସ୍ଫୀତି ଚିନ୍ତାଜନକ ସ୍ତରରେ ରହିଛି । ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୪ ମାସର ସର୍ବୋଚ୍ଚ ସ୍ତର ୫.୬୯% ଥିଲା । ଆର୍‌ବିଆଇ ମୁଦ୍ରାସ୍ଫୀତିକୁ ୪% ମଧ୍ୟରେ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଏହା ତାହାର ଯଥେଷ୍ଟ ଉପରେ ରହିଛି । ତେଣୁ ଇନ୍ଧନ ଦରରେ ହ୍ରାସ କରାଗଲେ ଲୋକେ କିଛି ମାତ୍ରାରେ ଉପକୃତ ହେବେ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଆସନ୍ତା କିଛି ମାସ ମଧ୍ୟରେ ସାଧାରଣ ନିର୍ବାଚନ ହେବ । ଏଭଳି ସ୍ଥିତିରେ ଦରବୃଦ୍ଧିଜନିତ ସମସ୍ୟା ଯେପରି ଏଥିରେ କୌଣସି କେଁ ନ ପଶାଏ ତାହା ଉପରେ ସରକାରଙ୍କ ନଜର ରହିବ । ସୂଚନାଯୋଗ୍ୟ, ଘରୋଇ ବଜାରରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ମୋଦି ସରକାର ବିଭିନ୍ନ ପ୍ରକାର ରପ୍ତାନି କଟକଣା ଲାଗୁ କରିଛନ୍ତି ଏବଂ କେତେକ ସାମଗ୍ରୀର ମହଜୁଦ ସୀମା କାର୍ଯ୍ୟକାରୀ କରିଛନ୍ତି । ବଜାରରେ ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନିଗୁଡ଼ିକର ୯୦% ନିୟନ୍ତ୍ରଣ ରହିଛି । ଦର ହ୍ରାସ କରିବା ପାଇଁ ଏହା ସେମାନଙ୍କ ପାଇଁ ଉପଯୁକ୍ତ ସମୟ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ରେଟିଂ ଏଜେନ୍ସି ଇକ୍ରା ପ୍ରକାଶ କରିଛି ଯେ, ଅଶୋଧିତ ତୈଳ ଦରରେ ହ୍ରାସ ଯୋଗୁ ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୧୧ ଟଙ୍କା ଏବଂ ୬ ଟଙ୍କା ଲାଭ କରୁଛନ୍ତି ତୈଳ ବିପଣନ କମ୍ପାନି । ୨୦୨୨ରେ ଯେତେବେଳେ ତୈଳ ଦର ଉଚ୍ଚ ରହିଥିଲା ଉକ୍ତ ସମୟରେ କମ୍ପାନିଗୁଡ଼ିକ ସହିଥିବା କ୍ଷତିର ଭରଣା ହୋଇ ଏବେ ବିପୁଳ ଲାଭ କଲେଣି । ତେଣୁ ବର୍ତ୍ତମାନ ସେମାନଙ୍କ ପାଇଁ ଏହା ଦର ହ୍ରାସ କରିବାର ସମୟ ।

ମହାପ୍ରଭୁଙ୍କ ଘୋଡ଼ଲାଗି ବେଶ

ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଶ୍ରୀଜଗନ୍ନାଥ ଭାରତୀୟ ସଭ୍ୟତା,ସଂସ୍କୃତି ଓ ପରମ୍ପରାର ପ୍ରତୀକ । ସେ ଭକ୍ତ ବତ୍ସଳ, ଭକ୍ତି ଓ ଭାବାବେଗରେ ବଶୀଭୂତ । ସେ ରାଧାଧିରାଜ ହୋଇଥିଲେ ମଧ୍ୟ ସାଧାରଣ ମଣିଷ ଭଳି ମାଟି ପାତ୍ରରେ ଶାଗ, ପଖାଳ ଖାଇଥାନ୍ତି, ରୋଗ ବ୍ୟାଧିରେ ଯନ୍ତ୍ରଣା ସହିଥାନ୍ତି, ବ୍ରତ ଉପବାସ ପାଳନ କରିଥାନ୍ତି, ଏପରିକି ପୁରୁଣା ଶରୀର ତ୍ୟାଗ କରି ନବ କଳେବର ହୋଇଥାନ୍ତି । ବାର ମାସରେ ତେର ଯାତ୍ରା ଓ ପର୍ବମାନଙ୍କରେ ମହାପ୍ରଭୁ ନିଜ ଆସ୍ଥାନ ଛାଡି ସ୍ୱୟଂ ବିରାଜିତ ହୁଅନ୍ତି କେତେବେଳେ ସ୍ନାନ ମଣ୍ଡପରେ ତ କେତେବେଳେ ବଡଦାଣ୍ଡରେ । ମହାପ୍ରଭୁ ଯେପରି ଖାଦ୍ୟ ପ୍ରିୟ ସେପରି ବସ୍ତ୍ର ପ୍ରିୟ । ଋତୁ ଚକ୍ରର ଆବର୍ତ୍ତନରେ ଭାରତରେ ଶୀତ ଋତୁ ନିଜର କାୟା ବିସ୍ତାର କରିଛି । ଦିନକୁ ଦିନ ଶୀତ ବି କାୟା ମେଲୁଛି । ଶୀତରେ ଥରୁଛନ୍ତି ମହାବାହୁ । ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ଶୃତନ୍ତ ଶୀତ ବସ୍ତ୍ର ପରିଧାନ କରନ୍ତି । ମାର୍ଗଶୀର ଶୁକ୍ଳ ଷଷ୍ଠୀ ଯାହାକୁ ଓଡଣ ଷଷ୍ଠୀ କୁହାଯାଏ ଏହି ଦିନ ଠାରୁ ମହାପ୍ରଭୁମାନେ ଶୀତ ବସ୍ତ୍ର ପରିଧାନ କରିଥାନ୍ତି । ଏହାକୁ ଘୋଡଲାଗି ବେଶ କୁହାଯାଇଥାଏ । ଶୀତ ଋତୁର ପ୍ରାରମ୍ଭ ହେତୁ ଦିଅଁମାନଙ୍କୁ ଉକ୍ତ ଦିନ ଶୀତ ବସ୍ତ୍ର ଲାଗି କରାଯିବା ଯୋଗୁଁ ଏହାକୁ ଘୋଡଲାଗି କୁହାଯାଏ । ଏହାର ଅନ୍ୟ ନାମ ପ୍ରାବରଣ ଯାତ୍ରା । ପ୍ରାବରଣ ଅର୍ଥ ଚଦର । ପ୍ରାବରଣକୁ ଶୀତ ଋତୁରେ ଦିଅଁମାନଙ୍କୁ ଘୋଡାଇ ଦିଆଯାଉଥିବାରୁ ଏହାକୁ ପ୍ରାବରଣ ଯାତ୍ରା କୁହାଯାଏ । ଓଡଣ ଷଷ୍ଠୀ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ବିଭିନ୍ନ ଦିନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବିଭିନ୍ନ ଘୋଡ ଲାଗି କରାଯାଇଥାଏ । ସପ୍ତାହର ବିଭିନ୍ନ ଦିନରେ ଠାକୁର ବିଭିନ୍ନ ପ୍ରକାର ଘୋଡ ଲାଗି ହୁଅନ୍ତି । ରବିବାର ଲାଲ ରଙ୍ଗର ଘୋଡ, ସୋମବାର ଧଳା ଛିଟା ମିଶା ଚନ୍ଦ୍ରକାନ୍ତି ଘୋଡ, ଘୋଡ, ମଙ୍ଗଳବାର ବାର ପାଟିଆ ପଞ୍ଚ ରଙ୍ଗ ମିଶ୍ରିତ ଘୋଡ, ବୁଧବାର ସାଗୁଆ ରଙ୍ଗର ଘୋଡ, ଗୁରୁବାର ବସନ୍ତ ବା ହଳଦିଆ ରଙ୍ଗ ଘୋଡ, ଶୁକ୍ରବାର ଶୁକ୍ଳ ରଙ୍ଗ ଘୋଡ, ଶନିବାର କୃଷ୍ଣ ରଙ୍ଗ ଘୋଡ । ଭଣ୍ଡାର ମେକାପ ଋତୁ ଭଣ୍ଡାରରୁ ଏହି ଶୀତ ବସ୍ତ୍ର ଓ ଘୋଡ ଲାଗି ଅଳଙ୍କାର ଯୋଗାଇଥାନ୍ତି । ଘୋଡ ବେଶରେ ସୂତା ବସ୍ତ୍ର ଖଣ୍ଡୁଆ ପାଟ, ଭେଲଭେଟ ଘୋଡ, ଫୁଟା, ମଫଲର, ଟୋପର ଇତ୍ୟାଦି ବ୍ୟବହାର ହୁଏ । ଶ୍ରୀମନ୍ଦିରର ପାରମ୍ପରିକ ଦରଜୀ ସେବକ ଏହି ଘୋଡ ପ୍ରସ୍ତୁତ କରି ଶ୍ରୀମନ୍ଦିର ଗାରଦ ଜିମା ଦିଅନ୍ତି । ଶୁକ୍ଳ ପଞ୍ଚମୀ ତିଥିରେ ଶ୍ରୀଜିଉଙ୍କ ରାତ୍ର ଚନ୍ଦନ ଲାଗି ପରେ ପୂଜାପଣ୍ଡାଙ୍କ ଦ୍ୱାରା ମହାପ୍ରଭୁଙ୍କ ପାଇଁ ଘୋଡ ବସ୍ତ୍ର ଅଧିବାସ ହୋଇଥାଏ ।

ତିନି ଠାକୁରଙ୍କ ନିମନ୍ତେ ୧୪ ହାତ ଲମ୍ବ ଓ ୩ ହାତ ଓସାରର ଚାରି ଖଣ୍ଡ ପାଟ ଆବଶ୍ୟକ ପଡିଥାଏ । ଏହି ଘୋଡ ପାଟରେ ଶ୍ଳୋକଟିଏ ଲେଖା ହୋଇଥାଏ -ମାର୍ଗଶୀର୍ଷେ ଶୀତପକ୍ଷେ ଯା ଷଷ୍ଠୀ ତିଥି ସଂଯୁତା, ସା ତୁ ପ୍ରାବରଣୀ ନାମ ସର୍ବକାମ ଫଳ ପ୍ରଦା, ବିଜୟତୁ ଜଗନ୍ନାଥ ଦିବ୍ୟବସ୍ତ୍ରଣାଳଂ କୃତ, ପ୍ରୟଚ୍ଛତୁ ସର୍ବକାମାନ୍ ସ୍ୱର୍ଗଂ ମୋକ୍ଷଂଚ ଦୁର୍ଲ୍ଲଭା। ଓଡଣ ଷଷ୍ଠୀ ଅବସରରେ ଦୈନନ୍ଦିନ ନୀତି ଅନୁଯାୟୀ ସକାଳ ଧୂପ ସରି ପାଣି ପଡିଲା ପରେ ପାଳିଆ ପୁଷ୍ପାଳକଙ୍କ ଦ୍ୱାରା ମୈଲମ ହୋଇଥାଏ । ଭୋଗ ମଣ୍ଡପ ଘରେ ପୂର୍ବ ରାତ୍ରରେ ଅଧିବାସ ହୋଇ ରହିଥିବା ଘୋଡ ଚାଙ୍ଗୁଡିକୁ ତିନି ଜଣ ପାଳିଆ ପୁଷ୍ପାଳକ ଏବଂ ପୂଜାପଣ୍ଡା, ପତି ମହାପାତ୍ର, ମୁଦିରସ୍ତ ହାତରେ ଧରି ଘଣ୍ଟା, ଛତା, କାହାଳୀ ପଟୁଆରରେ ତିନି ବେଢା ପରିକ୍ରମା କରି ସିଂହାସନକୁ ବିଜେ କରାଇଥାନ୍ତି। ଘୋଡଲାଗି ବେଶରେ ତ୍ରିଶାଖା-୨, କୁଣ୍ଡଳ-୪, ତଡଗି-୨ ଏହିପରି ଆଠ ମୂର୍ତ୍ତି ଅଳଙ୍କାର ଲାଗି ହୁଅନ୍ତି । ମାର୍ଗଶୀର ଶୁକ୍ଳ ଷଷ୍ଠୀ ଠାରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ମହାପ୍ରଭୁ ଘୋଡଲାଗି ବେଶ ହୁଅନ୍ତି । ଯାତ୍ରା ଭାଗବତରେ କୁହାଯାଇଛି, ଯେଉଁ ଭକ୍ତମାନେ ମହାପ୍ରଭୁଙ୍କର ଏହି ବେଶ ଦର୍ଶନ କରନ୍ତି ସେମାନେ ଚନ୍ଦ୍ର, ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ଗର୍ଭବାସ କଷ୍ଟ ଭୋଗନ୍ତି ନାହିଁ। ଏହି ଘୋଡଲାଗି ସମୟରେ ପୂଜାପଣ୍ଡାମାନେ ସିଂହାସନ ତଳେ ବସି ପୂଜା କରିଥାନ୍ତି। ବସନ୍ତ ଷଷ୍ଠୀ ଠାରୁ ଫଗୁ ଦଶମୀ ପର୍ଯ୍ୟନ୍ତ ମହାପ୍ରଭୁ ଜାମାଲାଗି ବା ଠିଆ ଘୋଡ ବେଶ ହୁଅନ୍ତି ।

ଯୁଦ୍ଧଭୂମି-୧



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

ପ୍ରାଚୀନ ଭାରତବର୍ଷର ଆତ୍ମା ଆଜି ମଧ୍ୟ କୁରୁକ୍ଷେତ୍ରରେ ଖୋଜିବୁଲେ ଅସ୍ତସୂର୍ଯ୍ୟର ଅସ୍ଥିକଂକାଳସାର ଅସ୍ତିତ୍ୱ ... ଶୁଣୁଥାଏ ସମରାହତ ସମୟାନ୍ତରର ସକରୁଣ ଶୋକସଂଗୀତ ... ପଢୁଥାଏ ପ୍ରମୂର୍ତ୍ତ ପ୍ରତ୍ନତତ୍ତ୍ୱର ପ୍ରଚ୍ଛନ୍ନ ପ୍ରଚ୍ଛଦପଟ! ହଁ, ଆଜି ମଧ୍ୟ କୁରୁକ୍ଷେତ୍ରର ବତାସୀ ବାୟୁପ୍ରବାହରେ କାଳକାଳର କୋହୋଚ୍ଛଳ କାରୁଣ୍ୟ ସୃଷ୍ଟି କରେ ଶତ ସ୍ପନ୍ଦନ, ସହସ୍ର ଶିହରଣ, ଅଜସ୍ର ଅନ୍ତର୍ଜ୍ୱଳନ!

କେବେ ଦିନେ ପ୍ରାଚୀନ ଭାରତବର୍ଷରେ ପ୍ରବାହିତ ହେଉଥିଲା ସରସ୍ୱତୀ ନଦୀ - ଏବେ ଲୁପ୍ତ । ମାତ୍ର ଏହି ପବିତ୍ର ପୁଣ୍ୟତୋୟାର ତୀରଭାଗ ଥିଲା ବୈଦିକ ସଂସ୍କୃତିର ଜନ୍ମଭୂମି। ଏକଦା କୁରୁକ୍ଷେତ୍ର ଥିଲା ଏହି ସରସ୍ୱତୀ ଓ ଦୃଶ୍ୟବତୀ ନଦୀଯୁଗଳର ସୁବିସ୍ତୃତ ମଧ୍ୟବର୍ତ୍ତୀ ଅଂଚଳ - ଅଧୁନା ଯାହାର ଆଭାସଚିତ୍ର ଥାନେଶ୍ୱର ସହରଠାରୁ ତିନି କିଲୋମିଟର ଦୂରବର୍ତ୍ତୀ ଅମ୍ବାଲା ଓ ଦିଲ୍ଲୀ ମଧ୍ୟରେ ମାନଚିତ୍ରିତ ମାତ୍ର! ବୈଦିକ ଯୁଗର ଋଷି ଓ ଋତ୍ୱିକମାନଙ୍କର ଯଜ୍ଞଭୂମି ଥିଲା ଏ ଅଞ୍ଚଳ।

ବୈଦିକ ଯଜ୍ଞଭୂମି କୁରୁକ୍ଷେତ୍ର ଦିନେ କିନ୍ତୁ ହୋଇଉଠିଲା ମହାଭାରତୀୟ ଯୁଦ୍ଧଭୂମି। ତା'ପରେ ? ସେହି ଯୁଦ୍ଧଭୂମି ଏକ ମହାନ ସଭ୍ୟତାର ଶ୍ମଶାନଭୂମିରେ ପରିଣତ ହେଲା କ୍ରମେ। ଏପଟେ ସରସ୍ୱତୀ ନଦୀ ତୀରବର୍ତ୍ତୀ ଏକ ଲୋମହର୍ଷକ ଗୃହଯୁଦ୍ଧ ମଧ୍ୟରେ ବଳି ପଡ଼ିଗଲା ଭବ୍ୟ ଭାରତବର୍ଷର ଭ୍ରାତୃବଂଶ ଏବଂ ସେପଟେ ଏରକା ବନଭୂମିରେ ଜଘନ୍ୟ ଆତ୍ମବିବାଦରେ ବ୍ୟାପୃତ ହୋଇ ସମୂଳେ ନିଶ୍ଚିହ୍ନ ହୋଇଗଲେ ସମଗ୍ର ଦୁର୍ଦ୍ଧର୍ଷ ଯାଦବବଂଶ। ମହାବଳୀ ବଳରାମ ଓ ଅବତାର-ପୁରୁଷ ଶ୍ରୀକୃଷ୍ଣଙ୍କର ଦେହତ୍ୟାଗ ପରେ ଜଳରାଶିରେ ବିଲୀନ ହୋଇଗଲା ସମଗ୍ର ଦ୍ୱାରକାନଗ୍ର। ଭାରତବର୍ଷରୁ କ୍ଷୟ ହୋଇଗଲା ଅମିତ କ୍ଷମତାଶାଳୀ କ୍ଷାତ୍ରଶକ୍ତି।

ପ୍ରାଗୈତିହାସିକ ମହାଭାରତ ଯୁଦ୍ଧରୁ ଆରମ୍ଭ କରି ଐତିହାସିକ ତିରୋରୀ ଓ ପାନିପଥ ଯୁଦ୍ଧ ପର୍ଯ୍ୟନ୍ତ ସଭ୍ୟତାର ବହୁ କ୍ଷତଚିହ୍ନ ବହନ କରିଛି କୁରୁକ୍ଷେତ୍ର। ଆଜି କୁରୁକ୍ଷେତ୍ର କହୁଛି ସେଇ କରୁଣ କାଳାନ୍ତରର କାଳାନ୍ତକ କଥନିକା - କ୍ରାନ୍ତିକାରୀ କଥାକାର ମାୟାଧର ନାୟକଙ୍କ ଏଇ ମର୍ମସ୍ପର୍ଶୀ 'ଯୁଦ୍ଧଭୂମି' ଆଲେଖ୍ୟରେ...

କୁରୁକ୍ଷେତ୍ରର ମହାଭାରତ ଯୁଦ୍ଧ ଏଇ ଗତକାଲି ସଂପନ୍ନ କରିଛି ତାର ପ୍ରଥମ ଦିବସ। କାଳିର ସୂର୍ଯ୍ୟାସ୍ତ ପାଣ୍ଡବ ଶିବିରରେ ସୃଷ୍ଟି କରିଥିଲା ଯୁଗପତ୍ ଶୋକ ଓ ସଂଶୟ। ସରସ୍ୱତୀ ନଦୀକୂଳବର୍ତ୍ତୀ ପାଣ୍ଡବ ଶିବିରରେ ରାତ୍ରିର ରଙ୍ଗ ଅଧିକ କାଳିମାକ୍ତ ମନେହେଉଥିଲା। ଯୁଧିଷ୍ଠିରଙ୍କୁ ଲାଗୁଥିଲା - ଏଇ ରକ୍ତସ୍ନାତ ପ୍ରଥମ ଦିବସ ଯେପରି ଅନ୍ତିମ ଦିବସର ହିଁ ଅଶୁଭ ଉପକ୍ରମଣିକା ! ଶେଷର ଆରମ୍ଭ ମାତ୍ର ! ଏକ ଭୟାବହ ଭସ୍ମସ୍ତୂପର ଭୂମିକା !

ପ୍ରଥମ ଦିବସ ଥିଲା ରାଜା ବିରାଟଙ୍କ ନିମନ୍ତେ ତାଙ୍କ ଜୀବନର ଦାରୁଣତମ ଦିବସ। ସେଦିନର ସୂର୍ଯ୍ୟାସ୍ତ ତାଙ୍କ ପାଇଁ ବହିଆଣିଥିଲା ଅସହ୍ୟ ବେଦନା। ରାଣୀ ସୁଦେଷ୍ଣାଙ୍କ ବିକଳ ବିଳାପଧ୍ୱନିରେ ବିଦୀର୍ଣ୍ଣ ହୋଇଯାଇଥିଲା ଗଗନପବନ। ବିରାଟ ଓ ସୁଦେଷ୍ଣା ପତିପତ୍ନୀ ଏ ପ୍ରଥମ ଦିବସର ଯୁଦ୍ଧରେ ହରାଇଥିଲେ ଦୁଇ ପ୍ରିୟ ପୁତ୍ର ଉତ୍ତର କୁମାର ଓ ଶ୍ୱେତକୁମାରଙ୍କୁ।

ପିତାମହ ଭୀଷ୍ମଙ୍କ ସେନାପତିତ୍ୱରେ ଯୁଦ୍ଧର ପ୍ରଥମ ଦିବସ ଯେପରି ପାଣ୍ଡବ ପକ୍ଷର ଅକଳନ କ୍ଷୟକ୍ଷତି ଘଟାଇଥିଲା, ସେଥିରେ ଦୁର୍ଯ୍ୟୋଧନଙ୍କ ମାନସପଟ ନାନା ନୂତନ ଆଶାର ବର୍ଣ୍ଣଛଟାରେ ଅଭିରଞ୍ଜିତ ହୋଇ ଏକ ବର୍ଣ୍ଣାଢ୍ୟ ଚିତ୍ରପଟରେ ପରିଣତ ହୋଇସାରିଥିଲା। ପିତାମହ ଯଦି ଏଇଭଳି ଅମିତ ପରାକ୍ରମ ପ୍ରଦର୍ଶନ କରି ପାଣ୍ଡବ ସେନାମାନଙ୍କୁ ପ୍ରତ୍ୟହ ସହସ୍ର ସହସ୍ର ସଂଖ୍ୟାରେ ବଧ କରିଦେଇପାରିବେ, ତାହେଲେ ସମୁଦାୟ ଯୁଦ୍ଧ ଶେଷ ହୋଇଯାଇପାରେ ଅବଶିଷ୍ଟ ଆଉ ଦୁଇ ତିନି ଦିନ ମଧ୍ୟରେ। ତାପରେ ? ସମଗ୍ର ଭୂଭାରତବର୍ଷର ଏକାଙ୍ଗ ଚକ୍ରବର୍ତ୍ତୀ ସମ୍ରାଟ୍ ଭାବରେ ମାନଗୋବିନ୍ଦ ଦୁର୍ଯ୍ୟୋଧନଙ୍କ କୀର୍ତ୍ତି କାଳକାଳକୁ ଘୋଷିଚାଲିଥିବ ଏ ବୀରଭୋଗ୍ୟା ବସୁନ୍ଧରା। ସେଦିନର ରାତ୍ରି ଦୁର୍ଯ୍ୟୋଧନଙ୍କ ଦୁଇ ବିଶାଳ ଚକ୍ଷୁରେ ବୋଳିଦେଇଥିଲା ଏକ ସ୍ୱପ୍ନାଭ ନିଦ୍ରାର ନୀଳାଞ୍ଜନ। ଏପଟେ ନିଜର ଶୋକସନ୍ତପ୍ତ ଶିବିରରେ ଯୁଧିଷ୍ଠିର ବିତାଇଥିଲେ ବିନିଦ୍ର ରାତ୍ରି। ପ୍ରଥମ ଦିବସର ସୂର୍ଯ୍ୟ ଅସ୍ତାଚଳ ସ୍ପର୍ଶ କରିବା ପୂର୍ବରୁ ଯୁଦ୍ଧର ଶେଷମୋଡ଼ରେ ସେ ମନେପକାଉଥିଲେ ସେହି ସକରୁଣ ମୁହୂର୍ତ୍ତ... ଯେତେବେଳେ ମାତୁଳ ଶଲ୍ୟଙ୍କ ରଥ ଭଗ୍ନ କରି ବିରାଟପୁତ୍ର ଉତ୍ତର କୁମାରଙ୍କ ବିଶାଳକାୟ ମଞ୍ଚ ଗଜ ଆଗକୁ ଧସିଯାଉଥିଲା, ସେତେବେଳେ ନିରସ୍ତ୍ର ଶଲ୍ୟଙ୍କ ସଂକଟାପନ୍ନ ସ୍ଥିତି ଦେଖି, ଅପରିମିତ ଉଲ୍ଲାସରେ ଆତ୍ମବିସ୍ମୃତ ଉତ୍ତର କୁମାର ନିଜ ଧନୁର୍ବାଣକୁ ଊର୍ଦ୍ଧ୍ୱକୁ ଉତ୍ତୋଳନ କରି ଆକାଶ ଆଡ଼କୁ ଦୃଷ୍ଟି ନିବଦ୍ଧ ପୂର୍ବକ ଆକର୍ଣ୍ଣ ବିସ୍ତାରିତ ହାସ୍ୟ ପ୍ରକାଶ କଲେ। ଆଉ ଠିକ୍ ସେହି ମୁହୂର୍ତ୍ତରେ ଭଗ୍ନରଥରୁ ଅକସ୍ମାତ୍ ଏକ ସୁତୀକ୍ଷ୍ଣ ବର୍ଚ୍ଛା ଉଠାଇଆଣି, ଅସତର୍କ ଉତ୍ତର କୁମାରଙ୍କ ବକ୍ଷଦେଶକୁ ଲକ୍ଷ୍ୟ କରି ଦ୍ରୁତ ବେଗରେ ନିକ୍ଷେପ କଲେ ଶଲ୍ୟ ! ସେହି ହସୁଥିବା ଅବସ୍ଥାରେ ହିଁ ହସ୍ତୀପୃଷ୍ଠରୁ ଆଖି ପିଛୁଳାକେ ଚଳିପଡ଼ିଲେ ଉତ୍ତର କୁମାର !

ଉତ୍ତର କୁମାରଙ୍କର ଏହି ଅଭାବିତ ମୃତ୍ୟୁରେ ତାଙ୍କ ଭ୍ରାତା ଶୋକାହତ ଶ୍ୱେତକୁମାର ନିରସ୍ତ୍ର ଶଲ୍ୟଙ୍କ ଆଡ଼କୁ ଖେଦିଆସିଲେ। ତାଙ୍କୁ ବାଧା ଦେଉଥିବା ସାତ କ୍ଷତ୍ରିୟବୀରଙ୍କ ସହିତ ସେ ଏକାକୀ ଲଢୁଥିବାବେଳେ ଦୂରରୁ ତୀବ୍ର ଗତିରେ ପିତାମହଙ୍କ ନିକ୍ଷିପ୍ତ ବାଣ ଆସି ତାଙ୍କର ବକ୍ଷ ଭେଦ କଲା। ସେ ମଧ୍ୟ ସେହି ସ୍ଥଳରେ ତତ୍‌କ୍ଷଣାତ୍ ତ୍ୟାଗ କଲେ ଶେଷନିଃଶ୍ୱାସ।

ଏହା ହିଁ ଥିଲା ପ୍ରଥମ ଦିବସର ସୂର୍ଯ୍ୟାସ୍ତ ପୂର୍ବର ଦାରୁଣ ଘଟଣା। ଭୁଲିପାରୁ ନ ଥିଲେ ଧର୍ମପୁତ୍ର ଯୁଧିଷ୍ଠିର। ସେ ନିଜକୁ ଦାୟୀ କରୁଥିଲେ କେବଳ। ଭୟଙ୍କର ଭବିତବ୍ୟର ସମସ୍ତ ଦୁର୍ଦ୍ଦଶାର ସେ ହିଁ ଏକମାତ୍ର କାରଣ ବୋଲି ନିଜକୁ ଭର୍ତ୍ସନା କରି ଶୋକାକୁଳ ହୋଇଉଠିଥିଲେ। ସେ ଯୁଦ୍ଧ ନିମନ୍ତେ ସମ୍ମତ ହୋଇ ନ ଥିଲେ ସମ୍ବନ୍ଧୀ ବିରାଟଙ୍କର ଦୁଇ ପୁତ୍ର ଆଜି ପ୍ରଥମ ଦିବସରେ ବଳି ପଡ଼ି ନ ଥାନ୍ତେ କଦାପି। ହାହୁତାଶରେ ହତପ୍ରଭ ଯୁଧିଷ୍ଠିର ପୁନରାୟ ବନବାସ ବରଣ କରିବାର ଇଚ୍ଛା ପ୍ରକଟ କଲେ।

ଆସିଲେ କୃଷ୍ଣ। ଯୁଧିଷ୍ଠିରଙ୍କୁ ବୋଧ ଦେଲେ - "ଭ୍ରାତା ଯୁଧିଷ୍ଠିର ! ସମୟ ତାର ନିଜସ୍ୱ ନିର୍ଣ୍ଣୟ ନେଇସାରିଛି। ଯାହା ଭବିତବ୍ୟ, ତାହାକୁ ଗ୍ରହଣ କର। ସଂଶୟ ବର୍ଜନ କର। ଏ ଯୁଦ୍ଧ ଏକ ଯୁଗାନ୍ତରର ଭୂମିକା। ତୁମକୁ ଏ ଭୂମିକା ନିର୍ବାହ କରିବାକୁ ହେବ। ପାଣ୍ଡବମାନଙ୍କର ବନବାସ ଓ ଅଜ୍ଞାତବାସ ସମାପ୍ତ ହୋଇସାରିଛି। ଏବେ ସାମ୍ନା କରିବାକୁ ପଡ଼ିବ ଯୁଗାନ୍ତରର ଏ ମହାସଂକଟକୁ।"

ପରବର୍ତ୍ତୀ ପ୍ରଭାତ ଆଣିଥିଲା ଏକ ବିସ୍ମୟକର ବିଚ୍ୟୁତି। ସେଦିନ ଦ୍ୱିତୀୟ ଦିବସର ଦୁନ୍ଦୁଭିନାଦ, ଅଶ୍ୱଯୂଥର ହ୍ରେଷାରବ, ହସ୍ତୀବାହିନୀର ବୃଂହଣଧ୍ୱନି, ରଥୀମହାରଥୀଙ୍କ ରଣହୁଂକାର, ପଦାତିମାନଙ୍କ ସ୍ପର୍ଦ୍ଧିତ ସ୍ୱର ହଠାତ୍ ଥମିଯାଇଥିଲା ଏକ ଅଭାବନୀୟ ଦୃଶ୍ୟରେ। କୁରୁକ୍ଷେତ୍ରକୁ ସ୍ତବ୍ଧଚକିତ କରିଦେଇଥିଲା ସେ ଅଚିନ୍ତନୀୟ ଦୃଶ୍ୟ। କିଏ କଣ କେବେ ଭାବିଥିଲା, ଭଗବାନଙ୍କର ଅଷ୍ଟମ ଅବତାର ରୂପେ ପରିଗୃହୀତ କୃଷ୍ଣ ନିଜର ପ୍ରତିଜ୍ଞା ଭଙ୍ଗ କରି ସ୍ୱହସ୍ତରେ ସୁଦର୍ଶନଚକ୍ର ଧାରଣ ପୂର୍ବକ ରଥର ସାରଥି ଆସନରୁ ଲଂମ୍ଫପ୍ରଦାନ କରିବେ ଆଉ ରେରେକାର ଧ୍ୱନି ଦେଇ ରଣରଙ୍କ ରୁଦ୍ରଭୈରବ ରୂପରେ ଯୁଗପୁରୁଷ ପିତାମହ ଭୀଷ୍ମଙ୍କୁ ବଧ କରିବା ପାଇଁ ସେଦିନ ଯୁଦ୍ଧଭୂମିରେ ପଦ ପ୍ରହାର କରି କରି ଧାଇଁବାକୁ ଲାଗିବେ ଊର୍ଦ୍ଧ୍ୱଶ୍ୱାସ ହୋଇ ?

ଅଥଚ ଏ ନ ଘଟିବା କଥା ବି ଘଟିଲା। ଭୀଷ୍ମଙ୍କ ଆଡ଼କୁ 'ଭଗବାନ' ବୋଲି ପୂଜା ପାଉଥିବା ଧାବମାନ କୃଷ୍ଣଙ୍କର ସେ ରୂପ ଥିଲା ତାଙ୍କ ବିଶାଳ ବିଶ୍ୱରୂପର ଆଉଏକ ବିସ୍ମୟକର ବିକଟ ସଂସ୍କରଣ। ପ୍ରଳୟ ଆସିଗଲା ପରି ପ୍ରତୀତ ହେଲା ସେ ମୁହୂର୍ତ୍ତରେ। କୁରୁକ୍ଷେତ୍ରରେ ପବନର ଗତି ହେଲା ବ୍ୟାହତ, ଗଗନମଣ୍ଡଳର ସୂର୍ଯ୍ୟ ହଜିଗଲେ କୃଷ୍ଣଙ୍କର ପଦାଘାତରେ ସୃଷ୍ଟି ହୋଇଥିବା ଭୀଷଣ ଧୂଳିଝଡ଼ର ଘନାୟମାନ ଘୂର୍ଣ୍ଣିବଳୟରେ। ମନେହେଲା, ସଦ୍ୟ ସନ୍ନିକଟବର୍ତ୍ତୀ ଯେପରି ସେ ଆ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୦ ଡିସେମ୍ବର ୨୦୨୪ ମଙ୍ଗଳବାର

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ରଙ୍କୁ ଆକ୍ରମଣ:ଜଣେ ଗିରଫ

କଟକ, ନ୍ୟୁଜ୍ ବ୍ୟୁରୋ

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ର ଆକ୍ରମଣ। ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ଆକ୍ରମଣ ହୋଇଛି । ପ୍ରଭାସ ରଞ୍ଜନ ମହାନ୍ତିଙ୍କୁ ବିଜୁ ଛାତ୍ର ଜନତା ଦଳ ନେତା ରେଭେନ୍ସା କ୍ୟାମ୍ପସ ଭିତରେ ମରଣାନ୍ତକ ଆକ୍ରମଣ ନେଇ ମାଲ୍‌ଗୋଦାମ୍ ଥାନାରେ ଅଭିଯୋଗ ହୋଇଛି । ଏହି ଆକ୍ରମଣ ଘଟଣାରେ ଜଣେ ପୂର୍ବତନ ଛାତ୍ର ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାଁ ବବି ଖାନ। ଆହତ ଛାତ୍ରଙ୍କ ଅଭିଯୋଗକ୍ରମେ ମାଲ୍‌ଗୋଦାମ୍ ଥାନା ପୋଲିସ ତାଙ୍କୁ ଗିରଫ କରିଛି । ବବିଙ୍କ ନାଁରେ ପୂର୍ବରୁ ଅନେକ ମାମଲା ରହିଛି । ଦୁଇ ଦିନ ତଳେ ଏହି ଆକ୍ରମଣ ହୋଇଥିବା ଜଣାପଡ଼ିଛି । ଏ ଦିଗରେ ଅଧିକ ତଦନ୍ତ ଜାରି ରଖିଛି ପୋଲିସ। ସୂଚନା ଅନୁସାରେ, ପ୍ରଭାସ ରଞ୍ଜନଙ୍କ ଶରୀରର ବିଭିନ୍ନ ସ୍ଥାନରେ ଲୁହା ପାଇପ୍‌ରେ ଆକ୍ରମଣ କରାଯାଇଛି । ଏନେଇ ଏକ୍ରାମ୍ ଖାନ୍ ଓରଫ୍ ବବିଙ୍କ ସହ ଅନ୍ୟ ତିନି ଜଣଙ୍କ ନାମରେ ଲିଖିତ ଅଭିଯୋଗ ହୋଇଛି । ମାଲ୍‌ଗୋଦାମ୍ ଥାନା ପୋଲିସ ମାମଲାକୁ ଗ୍ରହଣ କରି ତଦନ୍ତ ଚଳାଇଛି । ଥାନାରେ ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ପ୍ରଭାସ ରେଭେନ୍ସା ବାହାରକୁ ସନ୍ଧ୍ୟା ସମୟରେ ଯାଇଥିବାବେଳେ ବିଜୁ ଛାତ୍ର ଜନତା ଦଳ ନେତା ଲୁହା ପାଇପ୍‌ରେ ବାଡେଇ ବାଡେଇ ରେଭେନ୍ସା ଭିତରକୁ ନେଇଥିଲେ। ସେଠାରେ ଅନ୍ୟ ତିନି ଜଣ ମିଶି ଜୀବନରୁ ମାରିଦେବା ଭଳି ଆକ୍ରମଣ କରିଥିଲେ। ସେମାନଙ୍କ ନାମରେ ମାଲ୍‌ଗୋଦାମ୍ ଥାନାରେ ୬ ଗୋଟି ଦଫା ଲଗେଇଛି ପୋଲିସ।

ବଙ୍ଗଳାଦେଶରେ ହିନ୍ଦୁସୁରକ୍ଷା ପାଇଁ ଗର୍ଜିଲା ହିନ୍ଦୁସୁରକ୍ଷା ମଞ୍ଚ

କେନ୍ଦୁଝର, ନ୍ୟୁଜ୍

ହିନ୍ଦୁସୁରକ୍ଷା ମଞ୍ଚର କେନ୍ଦୁଝର ଜିଲ୍ଲା ସଂଯୋଜକ ଘନଶ୍ୟାମ ମହାନ୍ତଙ୍କ ଆହ୍ୱାନ କ୍ରମେ କେନ୍ଦୁଝର ସହରର କାଳୀ ପଡିଆ ନିକଟରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରାରେ ହଜାର ହଜାର ହିନ୍ଦୁ ପ୍ରେମୀ ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅମାନବୀୟ ଅତ୍ୟାଚାର ବିରୋଧରେ ସ୍ଲୋଗାନ୍ ଦେବା ସହିତ ବଙ୍ଗଳାଦେଶ ସରକାରକୁ ଚେତାବନୀ ଦେଇଥିଲେ । ଏହି ଶୋଭାଯାତ୍ରା କେନ୍ଦୁଝର କଳିପଡିଆ ଠାରୁ ବାହାରି ନଗର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବଙ୍ଗଳାଦେଶରେ ହିନ୍ଦୁଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଭାରତ ସରକାରଙ୍କୁ ଚେତେଇ ଥିଲେ । ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଏବଂ

ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ସାରା ବିଶ୍ୱରେ ହିନ୍ଦୁ ଏକତାର ଅଭାବ ଓ ଅତ୍ୟଧିକ ସହନଶୀଳତା ପାଇଁ ବିଧର୍ମୀମାନଙ୍କ ଆକ୍ରମଣର ଶିକାର ହେଉଛନ୍ତି ହିନ୍ଦୁ ମାନେ । ୫୦ ବର୍ଷ ତଳେ ଭାରତୀୟଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ବାଂଲାଦେଶରେ ଏବେ ହିନ୍ଦୁ ନରସଂହାର ଚାଲିଛି । ସେଠାରେ ସଂଖ୍ୟାଲଘୁ ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର ହେଉଛି । ମଠ ମନ୍ଦିର ଭାଙ୍ଗିବା ସହିତ ସାଧୁସନ୍ଥ ମାନଙ୍କୁ ଦେଶଦ୍ରୋହ ଅପରାଧରେ ବନ୍ଦୀ କରାଯାଉଛି । ପରନ୍ତୁ ଖୁସିର କଥା ବାଂଲାଦେଶ ହିନ୍ଦୁଙ୍କର ନିଦ ଭାଙ୍ଗିଛି । ମିଛ ଭାଇଚାରା ନିଶାକୁ ପରିତ୍ୟାଗ କରି ଇସ୍କନ୍‌ର ସାଧୁ ସ୍ୱାମୀ ଚିନ୍ମୟ ପ୍ରଭୁଙ୍କ ନେତୃତ୍ୱରେ ହିନ୍ଦୁ ଏକତ୍ରୀତ ହୋଇ ପ୍ରତିବାଦ କରୁଛନ୍ତି । ସେମାନଙ୍କୁ ନୈତିକ ସମର୍ଥନ ଦେବା ପାଇଁ ଓ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ପାଇଁ ସମଗ୍ର ଭାରତରେ ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରତିବାଦ ସଭା କରୁଛି ବୋଲି ହିନ୍ଦୁ ସୁରକ୍ଷା ମଞ୍ଚର କେନ୍ଦୁଝର ଜିଲ୍ଲା ସଂଯୋଜକ ଘନଶ୍ୟାମ ମହାନ୍ତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ହିନ୍ଦୁ ସଂଗଠନର ହିନ୍ଦୁ ପ୍ରେମୀ ତଥା ବିଭିନ୍ନ ମତପନ୍ଥର ନେତୃତ୍ୱମାନେ ଯୋଗଦେଇଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ହିନ୍ଦୁ ଜାଗୃତି ମଞ୍ଚ, ଇସ୍କନ୍ ପରିବାର, ଗାୟତ୍ରୀ ପରିବାର, ମହିମା ସମାଜ, ବିଏମ୍‌ଏସ୍, ବନବାସୀ କଲ୍ୟାଣ ଆଶ୍ରମ, ଏବିଭିପି, ଏକଲ୍ଲ ବିଦ୍ୟାଳୟ ପରି ଅନେକ ସଂଗଠନର ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

ବିଶ୍ୱକର୍ମା ମଜ୍‌ଦୁର୍ ସଂଘ ପକ୍ଷରୁ ଶ୍ରମିକ ଓ ଜନ ସମ୍ପର୍କ ଅଭିଯାନ

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ଭାରତୀୟ ମଜ୍‌ଦୁର୍ ସଂଘ ଜିଲ୍ଲା କାର୍ଯ୍ୟାଳୟ ଠାରେ ବିଶ୍ୱକର୍ମା ମଜ୍‌ଦୁର୍ ସଂଘର ସାଧାରଣ ବୈଠକ ଓ ଶ୍ରମିକ ଏବଂ ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱକର୍ମା ମଜ୍‌ଦୁର୍ ସଂଘ ଜିଲ୍ଲା ସଭାପତି ତଥା ଭାରତୀୟ ମଜ୍‌ଦୁର୍ ସଂଘ ଉପଦେଷ୍ଟା ପରମେଶ୍ୱର ବିଷୋୟୀ ସଭାପତିତ୍ୱ କରିଥିଲେ । ଏଥିରେ ରାଜ୍ୟ ସମ୍ପାଦକ ମୁକ୍ତିକାନ୍ତ ସାହୁ, ବିଶ୍ୱକର୍ମା ସମ୍ପାଦକ ଖଗେଶ୍ୱର ବିଷୋୟୀ, ଭାରତୀୟ ମଜଦୁର ସଂଘ ଜିଲ୍ଲା ସଂଯୋଜକ ବିଷ୍ଣୁ ପ୍ରସାଦ ବିଷୋୟୀ, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜ୍‌ଦୁର୍ ସଂଘ ରାମ ବିଷୋୟୀ କୋରାପୁଟ ଜିଲ୍ଲା ସ୍ୱାବିଲମ୍ବୀ କାରିଗରର ସଦସ୍ୟମାନେ ମଧ୍ୟ ରହିଥିଲେ । ଭାରତୀୟ ବିଶ୍ୱକର୍ମା ମଜ୍‌ଦୁର୍ ସଂଘ କୋରାପୁଟ ଜିଲ୍ଲା କମିଟି ଗଠନ କରାଗଲା । କୋରାପୁଟ ଜିଲ୍ଲା ସଭାପତି ଭାବେ ପରମେଶ୍ୱର ବିଷୋୟୀ, ଉପସଭାପତି ଗୋପାଳ ନାୟକ, ସଭାଚନ୍ଦ୍ର ଦାସ, ସମ୍ପାଦକ ଜଗଦିଶ ପୂଜାରୀ, ସହ ସମ୍ପାଦକ ଡମ୍ବରୁ ଦିଶାରୀ, ସଦାଶିବ ନାୟକ, କୋଷାଧ୍ୟକ୍ଷ କ୍ଷେତ୍ର ମୋହନ ନାୟକ ଏବଂ ନବରଙ୍ଗପୁର ଜିଲ୍ଲା କମିଟି ସଭାପତି ପରମେଶ୍ୱର ବିଷୋୟୀ ଉପ ସଭାପତି ନୀଳକଣ୍ଠ ମାଝୀ ପର୍ଶୁ ଦିଶାରୀ, ସମ୍ପାଦକ ଖଗେଶ୍ୱର ବିଷୋୟୀ, ସହ ସମ୍ପାଦକ ଗୋବିନ୍ଦ ମିର୍ଗାନ, କୋଷାଧ୍ୟକ୍ଷ ରବୀନ୍ଦ୍ର ବିଷୋୟୀ ଜିଲ୍ଲାରେ ଦାୟିତ୍ୱ ପ୍ରଦାନ କରାଯାଇଛି । ସଂଗଠନକୁ ମଜ୍‌ଭୂତ୍ କରିବା ଓ ନିର୍ମାଣ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଗଲା । ନିର୍ମାଣ ଶ୍ରମିକ ମାନଙ୍କ ପାଇଁ ବନ୍ଦ ହୋଇଥିବା ସହାୟକ ଗୁଡିକ ପୁନର୍ବାର ଆରମ୍ଭ କରିବାକୁ ଦାବି କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା । ଏଥିରେ ଶହେ ଜଣ ସଦସ୍ୟ ଯୋଗ ଦେଇଥିଲେ ।

ଗଞ୍ଜାମ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ଶିକ୍ଷାର ମାନଦଣ୍ଡ ଆକଳନ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ସମଗ୍ର ଦେଶରେ ଶିକ୍ଷାର୍ଥୀମାନଙ୍କ ଶିକ୍ଷାର ମାନଦଣ୍ଡ ଆକଳନ ଏବଂ ଶିକ୍ଷା ସମ୍ପର୍କିତ ନୀତିଗତ ନିଷ୍ପତ୍ତି ନିମନ୍ତେ ଗତ ତା ୦୪/୧୨/୨୪ ରିଖରେ ଅନୁଷ୍ଠିତ ହୋଇଯାଇଛି । ଏହିକ୍ରମରେ ଗଞ୍ଜାମ ଜିଲ୍ଲାରେ ୧୨୬ଟି ବିଦ୍ୟାଳୟର ୪୧ଟି ତୃତୀୟ ଶ୍ରେଣୀର, ୫୦ଟି ଷଷ୍ଠ ଶ୍ରେଣୀର, ୫୭ଟି ନବମ ଶ୍ରେଣୀର ତଥ୍ୟ ସଂଗ୍ରହ କରାଯାଇଛି । ଗଞ୍ଜାମ ଜିଲ୍ଲାର ତୃତୀୟ ଶ୍ରେଣୀର ୧୦୨୨, ଷଷ୍ଠ ଶ୍ରେଣୀର ୧୨୫୭ ଏବଂ ନବମ ଶ୍ରେଣୀର ୧୭୦୪ ଜଣ ଶିକ୍ଷାର୍ଥୀଙ୍କୁ ସର୍ବେକ୍ଷଣରେ ଗ୍ରହଣ କରାଯାଇ ଉକ୍ତ ସର୍ବେକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା । ସେହି କ୍ରମରେ ତୃତୀୟ ଶ୍ରେଣୀରେ ୯୭ ଜଣ, ଷଷ୍ଠ ଶ୍ରେଣୀରେ ୧୨୪ ଏବଂ ନବମ ଶ୍ରେଣୀରେ ୨୧୧ ଜଣ ଶିକ୍ଷକ ସର୍ବେକ୍ଷଣରେ ସକ୍ରିୟ ସାମିଲ୍ ହୋଇ ସ୍ୱକୀୟ ମତାମତ ପ୍ରକାଶ କରିଅଛନ୍ତି । ଏଥିସହିତ ୧୨୬ ଜଣ ପ୍ରଧାନଶିକ୍ଷକ ମଧ୍ୟ ନିଜର ମତାମତ ପ୍ରକାଶ କରିଅଛନ୍ତି । ସର୍ବେକ୍ଷଣରେ ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ, ଖଲ୍ଲିକୋଟ, ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପୋଲସରା ଓ ଚିକିଟିର ଗୁରୁ ଛାତ୍ରଛାତ୍ରୀ ତଥ୍ୟ ସଂଗ୍ରହକାରୀ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ତତ୍ତ୍ୱାବଧାନରେ ଜିଲ୍ଲାରେ ଏହି ସମ୍ପୂର୍ଣ୍ଣ ପ୍ରକିୟାକୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡ଼ା ଓ ଜିଲ୍ଲା ଶିକ୍ଷା ଅଧିକାରିଣୀ ଅମିତା ପଟ୍ଟନାୟକ ସଂଯୋଜନା ସହିତ ସର୍ବେକ୍ଷଣକୁ ସୂଚାରୁରୂପେ ସମ୍ପାଦନ କରିଥିଲେ । ଏହି କାର୍ଯ୍ୟ ସଠିକ୍ ରୂପେ ସମ୍ପାଦନ ସକାଶେ ତଥ୍ୟ ସଂଗ୍ରହକାରୀଙ୍କୁ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ପ୍ରଜ୍ଞା ପାରମିତା ଓ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ତାଲିମ ପ୍ରଦାନ କରିଥିଲେ । ଜିଲ୍ଲାର ସମସ୍ତ କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନ ନିମନ୍ତେ ଗଞ୍ଜାମ ଜିଲ୍ଲା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ବ୍ୟକ୍ତିଗତ ଭାବେ ତଦାରଖ କରିଥିଲେ ।

ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବିରୁଦ୍ଧରେ ବିକ୍ଷୋଭ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ବାଂଲାଦେଶରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଗଣ ହତ୍ୟା, ଧର୍ଷଣ, ସମ୍ପତ୍ତି ଲୁଣ୍ଠନ ବିରୁଦ୍ଧରେ ସୁବର୍ଣ୍ଣପୁର ଜିଲ୍ଲାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସହରରେ ଏକ ବିଶାଳ ଶୋଭାଯାତ୍ରା ଓ ବିକ୍ଷୋଭ୍ ପ୍ରଦର୍ଶନ କରଯାଇଛି । ଭାରତ ସରକାରଙ୍କୁ ଚାପ ପକାଇବା ପାଇଁ ଭାରତ ସରକାର ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବଙ୍ଗଳାଦେଶରେ ହିନ୍ଦୁ ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ସମ୍ପୂର୍ଣ୍ଣ ଭାବେ ରୋକିବା ଉଦ୍ଦେଶ୍ୟରେ ଏହି ଜନ ଜାଗରଣ ମାଧ୍ୟମରେ ସାରା ଭାରତରେ ହିନ୍ଦୁ ମାନଙ୍କୁ ଏକ ହେବାକୁ ପଡ଼ିବ ବୋଲି ମତ ରଖି ଆନ୍ଦୋଳନ କାରୀ ଶୋଭାଯାତ୍ରାରେ ବାଂଲାଦେଶୀ ଗୋ ବେକ୍ ଗୋ ବେକ୍ ନାରା ଦେଇଥିଲେ । ବାଂଲା ଦେଶରେ ହିନ୍ଦୁ ମାନଙ୍କୁ ସୁରକ୍ଷା ଦେବା ପାଇଁ ଭାରତର ଶହେ କୋଟି ହିନ୍ଦୁ ବଳିଦାନ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଆର୍‌ଏସ୍‌ଏସ୍‌ର କର୍ମକର୍ତ୍ତା ପ୍ରକାଶ କରିଛନ୍ତି ଏବଂ ବିଗତ ୭୧ ମସିହାରୁ ବାଂଲାଦେଶୀଙ୍କୁ ଭାରତ ସରକାର ସବୁ ପ୍ରକାର ସହଯୋଗ ଯୋଗାଇ ଆସିଥିବା ବେଳେ କିନ୍ତୁ ବାଂଲାଦେଶ ଭାରତକୁ ଧୋକା ଦେଇଥିବା କହିଛନ୍ତି ।

କଂଗ୍ରେସ କାର୍ଯ୍ୟାଳୟରେ ଆମ୍ବେଦକରଙ୍କ ଶ୍ରାଦ୍ଧୋତ୍ସବ

ବାଲେଶ୍ୱର, ନ୍ୟୁଜ୍

ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ଼. ବାବା ସାହେବ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ସଞ୍ଜୀବ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏ.ଆଇ.ସି.ସି. ସଭ୍ୟ ନବଜ୍ୟୋତି ପଟ୍ଟନାୟକ, ଭୁବେନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ଦାସ, ପିସିସି ସମ୍ପାଦକ ସୁବ୍ରତ ଦାସ, ଭଦ୍ରକ ଯୁବନେତା ନଳିନୀ ମହାନ୍ତି, ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଗୋପିନାଥ ପାଢ଼ୀ, ବିଜନ ନାୟକ, ସରୋଜ ଲେଙ୍କା, ଜ୍ୟୋତ୍ସ୍ନା ସେନାପତି, ଯୁବ କଂଗ୍ରେସ ଜିଲ୍ଲା ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଗୌତମ ସାହୁ, ପିସିସି ସଭ୍ୟ ବିକାଶ କୁମାର ଦାସ, ନବକିଶୋର ଭୂୟାଁ, ଜୀବନ ମହାପାତ୍ର, ବିଦ୍ୟାଧର ମହାନ୍ତି, ଛାତ୍ର ଓ ଯୁବ କଂଗ୍ରେସର ବହୁ ସଦସ୍ୟ ତଥା ବିଭିନ୍ନ କଲେଜରୁ ଆସିଥିବା ଛାତ୍ର ନେତା ପ୍ରମୁଖ ଉପସ୍ଥିତ ଥିଲେ। ଡ଼. ଆମ୍ବେଦକରଙ୍କ ଫଟୋ ଚିତ୍ରରେ ସମସ୍ତେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ବିଧାନ ପ୍ରଣେତା ଡ଼. ବାବାସାହେବ ଆମ୍ବେଦକରଜୀ ଅମର ରହେ। ଭାରତ ରତ୍ନ ଆମ୍ବେଦକରଜୀ ଅମର ରହେ ସ୍ଲୋଗାନ ଦେଇ ଉପସ୍ଥିତ ସମସ୍ତେ ଡ଼.ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

ଡିସେମ୍ବରରେ ହେବ ସମସ୍ତ ଶିଶୁଙ୍କ ଚକ୍ଷୁ ପରୀକ୍ଷା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୋନପୁର ବ୍ଲକ ସଭାଗୃହ ଠାରେ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଗୋଷ୍ଠୀ ସ୍ତରୀୟ ସୁନେତ୍ର ଓ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବୈଠକ ଏବିଡ଼ିଓ ଶଶୀଭୂଷଣ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡାକ୍ତର ରାମଶଙ୍କର ତ୍ରିପାଠୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ଭୋଇ, ସାଗରୀକା ସ୍ୱାଇଁ ସିଡ଼ିପିଓ, ଶିଶୁ ଓ ପରିବାର କଲ୍ୟାଣ ବିଭାଗ ପାରିପାର୍ଶ୍ୱିକ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଡାକ୍ତର ସରୋଜ କୁମାର ପଟେଲ, ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ, ଡାକ୍ତର ଲୋପାମୁଦ୍ରା ପ୍ରଧାନ, ଫାର୍ମାସିଷ୍ଟ ହୃଷିକେଶ ମିଶ୍ର, ଛନ୍ଦା ଚରଣ ପୁରୋହିତ ଏବଂ ଏଏନ୍‌ଏମ୍ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଡିସେମ୍ବରରେ ସମସ୍ତ ଶିଶୁଙ୍କ ଚକ୍ଷୁ ସମ୍ବନ୍ଧୀୟ ପରୀକ୍ଷା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିବା ବେଳେ ନାଇକେନପାଲି, ସାହାଜପିଟା, ଲଛିପୁର ସେକ୍ଟରର ସ୍କୁଲ୍ ମାନଙ୍କୁ ଚକ୍ଷୁ ସମ୍ବନ୍ଧୀୟ ପରୀକ୍ଷା ପାଇଁ ସ୍ଥିର ହୋଇଥିଲା। ଶେଷରେ ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ପ୍ରିୟରଞ୍ଜନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଶ୍ରୀବିରଜା ସେବା ସମିତିର ଜରୁରୀ ବୈଠକ

ଯାଜପୁର, ନ୍ୟୁଜ୍ ବ୍ୟୁରୋ

ଶ୍ରୀ ବିରଜା ସେବା ସମିତିର ଏକ ଜରୁରୀ ବୈଠକ ମା'ବିରଜାଙ୍କ ମନ୍ଦିର ପରିସରରେ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମା'ବିରଜାଙ୍କର ସ୍ୱନକ୍ଷତ୍ର ଉତ୍ସବ ଆସନ୍ତା ୨୦୨୫ ମସିହା ଜୁନାୟାରୀ ୨୯ ତାରିଖ ବୁଧବାର ପଡୁଥିବାରୁ ଏଥିରେ ସେବାସମିତିର କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହୋଇଥିଲା। ଯାଜପୁର ପୌରାଞ୍ଚଳ ଓ ନିକଟବର୍ତ୍ତୀ ଉଚ୍ଚ ବିଦ୍ୟାଳୟର ୮ମ, ୯ମ ଓ ୧୦ମ ଶ୍ରେଣୀ ଛାତ୍ରଙ୍କ ମଧ୍ୟର ଏକ ରଚନା ପ୍ରତିଯୋଗିତା ହେବାର ସ୍ଥିର ହେଲା । ଦେବୀ ବିରଜା ଓ ବିରଜାକ୍ଷେତ୍ରର ପ୍ରଚାର ପ୍ରସାର ଦିଗରେ ବିଶେଷ ଅବଦାନଥିବା ବ୍ୟକ୍ତି ଗୌରାଙ୍ଗ ମହାପାତ୍ର, ଜ୍ୟୋତିଷ ରତ୍ନଙ୍କର ପୌତ୍ର ନରସିଂହ ଚରଣ ମହାପାତ୍ରଙ୍କର ସୁପୁତ୍ର ବିରଜା ପଞ୍ଜିକାର ଗଣନାକାର ଗଦାଧର ମହାପାତ୍ରଙ୍କୁ ସ୍ୱନକ୍ଷତ୍ର ଦିବସରେ ସମ୍ବର୍ଦ୍ଧିତ କରିବାକୁ ସର୍ବସମ୍ମତିକ୍ରମେ ସ୍ଥିର ହେଲା । ବାର୍ଷିକ ବନ୍ଧୁମିଳନ ଜାନୁଆରୀ ୧ମ ରୁ ୨ୟ ସପ୍ତାହ ମଧ୍ୟରେ ହେବାକୁ ସ୍ଥିର ହେଲା । ଆସନ୍ତା ବୈଠକ ଡିସେମ୍ବର ୨୯ ତାରିଖ ରବିବାର ହେବାକୁ ଆପାତତଃ ସ୍ଥିର ହେଲା। ଉପସ୍ଥିତ ସଭ୍ୟ ମଧୁସୂଦନ ମହାନ୍ତି, ସୂର୍ଯ୍ୟମଣି ବେଦୀ, ବିଷ୍ଣୁ ଚରଣ ଲେଙ୍କା, ବସନ୍ତ କୁମାର ଦାଶ, ବ୍ରହ୍ମାନନ୍ଦ ସ୍ୱାଇଁ, ଚିତ୍ତରଂଜନ ନାୟକ, ଆନନ୍ଦିନୀ ମହାପାତ୍ର, ସହସମ୍ପାଦକ ବୃନ୍ଦାବନ ମିଶ୍ର, ଦେବବ୍ରତ ଦାସ, ଗୋପୀନାଥ ସେଠୀ, କୋଷାଧ୍ୟକ୍ଷ ହରିହର ବେହେରା, ହିସାବ ନିରିକ୍ଷକ ରମେଶ ଚନ୍ଦ୍ର ରାଉତ, ନୃସିଂହ ଚରଣ ଜେନା, ମିହିର ରଞ୍ଜନ ନାୟକ, ରାମକୃଷ୍ଣ ବେହୁରିଆ, ରବିପ୍ରସାଦ ସାମଲ, ସୂର୍ଯ୍ୟ ନାରାୟଣ ଦାସ, ଭରତ କୁମାର ସାହୁ, କମଳା କାନ୍ତ ସନ୍ଧିବିଗ୍ରହ ଓ ମଳୟ କୁମାର ପଣ୍ଡା ପ୍ରମୁଖ ସଭ୍ୟମାନେ ଅଂଶ ଗ୍ରହଣ କରିଥିଲେ । ନୂତନ ଅଜୀବନ ସଭ୍ୟଭାବେ ଦେବବ୍ରତ ଦାସ, ପୂର୍ଣ୍ଣତୋୟା ରାଉତରାୟ, ଅଂଶୁମାନ କେଶରୀ ରାଉତରାୟ, ବିଜୟ କୁମାର ବିଶ୍ୱାଳଙ୍କୁ ସଭା ସ୍ୱାଗତ କଲା । ପରବର୍ତ୍ତୀ ବୈଠକ ଆସନ୍ତା ୨୯ ତାରିଖ ରବିବାର ଦିନରେ ହେବାକୁ ଆପାତତଃ ସ୍ଥିର କରାଗଲା । ଶେଷରେ ସଭ୍ୟ ଧନଞ୍ଜୟ କେଶରୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ

30 YEARS
ସମୟ କଳିକା
ଭୁବନେଶ୍ୱର, ୧୦ ଡିସେମ୍ବର, ମଙ୍ଗଳବାର, ୨୦୨୪
ପୃଷ୍ଠା – ୬

ହରଭଜନ ସିଂଙ୍କ ବାୟୋପିକ୍‌ରେ ଭିକି ହେବେ ହିରୋ

ମୁମ୍ବାଇ

ବଲିଉଡ୍‌ରେ ଗତ କିଛି ବର୍ଷ ହେବ ବାୟୋପିକ୍ ଫିଲ୍ମର ଟ୍ରେଣ୍ଡ ଚାଲିଛି। 'ଏମ.ଏସ ଧୋନି: ଦ ଅନଟୋଲ୍ଡ ଷ୍ଟୋରୀ' ଏବଂ 'ଚନ୍ଦୁ ଚାମ୍ପିୟନ୍' ପରି ଅନେକ କ୍ରୀଡ଼ା କ୍ଷେତ୍ରର ହିରୋଙ୍କ ଉପରେ ବାୟୋପିକ୍ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଏବେ ଆଉ ଜଣେ ଖେଳାଳିଙ୍କ ଉପରେ ବାୟୋପିକ୍ ଫିଲ୍ମ ନିର୍ମାଣ ହେବା ନେଇ ଚର୍ଚ୍ଚା ହେଉଛି। ସେ ହେଉଛନ୍ତି ଭାରତୀୟ ଦଳର ପୂର୍ବତନ କ୍ରିକେଟର ହରଭଜନ ସିଂହ। ହରଭଜନ ଏକ ବାର୍ତ୍ତାଳାପରେ କହିଥିଲେ ଯେ, ମୋର ବାୟୋପିକ୍ ତିଆରି ହେବ। ଗୋଟିଏ ଦୁଇଟି ଭଲ କାହାଣୀ ଅଛି, ଯାହାକୁ ମୁଁ ଲୋକଙ୍କ ସାମ୍ନାକୁ ଆଣିବାକୁ ଚାହୁଁଛି। କିନ୍ତୁ ଏହା କେବେ ତିଆରି ହେବ ମୁଁ ଜାଣେ ନାହିଁ। ହେଲେ ମୁଁ ଖୁବ୍‌ଶୀଘ୍ର ଏହା ଘୋଷଣା କରିବି। ଯେତେବେଳେ ତାଙ୍କୁ ପଚରାଗଲା ଯେ ତାଙ୍କ ଚରିତ୍ରରେ ଉପଯୁକ୍ତ ଅଭିନେତା କିଏ ହେବେ, ସେ ଭିକି କୌଶଲଙ୍କ ନାମ ନେଇଥିଲେ। ଏନେଇ ତାଙ୍କ ପତ୍ନୀ ଗୀତା କହିଛନ୍ତି ଯେ ମୁଁ ଭାବୁଛି ହରଭଜନଙ୍କ ଉପରେ ଏକ ବାୟୋପିକ୍ ପ୍ରସ୍ତୁତ କରାଯିବା ଉଚିତ୍। ଯେତେବେଳେ ବି ଫିଲ୍ମ ତିଆରି ହେବ, ଭିକି କୌଶଲ ତାଙ୍କ ଭୂମିକାରେ ଅଭିନୟ କରିବାକୁ ଉପଯୁକ୍ତ ହେବେ। ସେ କହିଥିଲେ, ସର୍ବପ୍ରଥମେ ଭିକି ଜଣେ ପଞ୍ଜାବୀ। ସେ ପଞ୍ଜାବୀ ଭାଷା ସଠିକ ଭାବେ କୁହନ୍ତି। ଭିକିଙ୍କର ଚରିତ୍ରରେ ପ୍ରବେଶ କରିବାର ପ୍ରତିଭା ଅଛି ଏବଂ ମୁଁ ଭାବୁଛି ସେ ହିଁ ହରଭଜନଙ୍କୁ ଅନ୍‌ସ୍କ୍ରିନରେ ଦେଖିବା ପାଇଁ ଉପଯୁକ୍ତ ହେବେ।'

ଶାମି ପୂରା ଫିଟ୍ : ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ଖେଳିବେ !

ନୂଆଦିଲ୍ଲୀ

ଆହତ ସମସ୍ୟା କାରଣରୁ ଶାମି ଗୋଟିଏ ବର୍ଷରୁ ଅଧିକ ଦିନ ହେଲା ଅନ୍ତର୍ଜାତୀୟ କ୍ରିକେଟରୁ ଦୂରେଇ ରହିଥିଲେ। ପ୍ରଥମେ ସେ ରଣଜୀ ଟ୍ରଫି ଓ ଏବେ ସୟଦ ମୁସ୍ତାକ ଅଲୀ ଟ୍ରଫି ଖେଳୁଛନ୍ତି। ସେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ପୂରା ଫିଟ୍ ହୋଇସାରିଛନ୍ତି। ଏବେ କେବଳ ନ୍ୟାସନାଲ କ୍ରିକେଟ ଏକାଡେମୀ ବା ଏନସିଏ ମେଡିକାଲ ଟିମ୍ ପକ୍ଷରୁ ତାଙ୍କୁ ଫିଟନେସ୍ ପ୍ରମାଣପତ୍ର ମିଳିବାର ବାକି ରହିଛି। ଏହା କେବଳ ଗୋଟିଏ ଔପଚାରିକ। ଏହି ଔପଚାରିକ ପରେ ଶାମି ଅଷ୍ଟ୍ରେଲିଆ ଗସ୍ତ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ବ୍ରିସ୍‌ବେନରେ ଭାରତ ଓ ଅଷ୍ଟ୍ରେଲିଆ ଡିସେମ୍ବର ୧୪ରୁ ମ୍ୟାଚ୍ ଖେଳିବେ। ସମ୍ଭବତଃ ଏହି ମ୍ୟାଚ୍‌ରେ ଶାମି ସାମିଲ ହୋଇ ନ ପାରନ୍ତି। କିନ୍ତୁ ଡିସେମ୍ବର ୨୬ରୁ ମେଲବର୍ଣ୍ଣରେ ଆରମ୍ଭ ହେବାକୁ ଥିବା ବକ୍ସିଂ ଡେ'

ଟେଷ୍ଟ ବେଳକୁ ସେ ଟିମ୍ ଇଣ୍ଡିଆରେ ଯୋଗ ଦେଇ ସାରିଥିଲେବେ। ତାଙ୍କୁ ଏନସିଏ ପକ୍ଷରୁ ଖୁବ୍‌ଶୀଘ୍ର ଫିଟ୍‌ନେସ୍ ପ୍ରମାଣପତ୍ର ମିଳିବାକୁ ଯାଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

ଏହି ସୂତ୍ରରେ କହାଯାଇଛି ଯେ ଶାମିଙ୍କ ଭାରତୀୟ କିଟ୍ ଏବେ ଠାରୁ ହିଁ ଅଷ୍ଟ୍ରେଲିଆକୁ ପଠାଯାଇ ସାରିଲାଣି। ସେ ସୟଦ ମୁସ୍ତାକ ଅଲୀ ଟ୍ରଫି ଖେଳିବା ଶେଷ କରିବେ ଓ ଅଷ୍ଟ୍ରେଲିଆ ଗସ୍ତ କରିବେ।

୩୪ ବର୍ଷୀୟ ଶାମି ଭାରତ ପାଇଁ ଶେଷଥର ୨୦୨୩ ଦିନିକିଆ ବିଶ୍ୱକପରେ ନଜର ଆସିଥିଲେ। ଏହାପରେ ଗୋଇଠି ସର୍ଜରୀ ପାଇଁ ସେ ଟିମ୍ ଇଣ୍ଡିଆରୁ ବାହାରେ ରହିଥିଲେ। ନିକଟରେ ଶେଷ ହୋଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଶାମି କମ୍‌ବ୍ୟାକ୍ କରିବାର ଥିଲା। କିନ୍ତୁ ଆଣ୍ଠୁରେ ପୁଣି ଫୁଲା ଦେଖାଯିବାରୁ ତାଙ୍କ ଫେରିବା ବିଳମ୍ବ ହୋଇଥିଲା।

ବେଙ୍ଗାଲୁରୁରେ ସୟଦ ମୁସ୍ତାକ ଅଲୀ ଟ୍ରଫିର ନକଆଉଟ ମ୍ୟାଚ୍ ଚାଲିଛି। ଏହି ସମୟରେ ଏନସିଏ ମେଡିକାଲ ଟିମ୍ ମୁଖ୍ୟ ଡାକ୍ତର ନୀତୀନ ପଟେଲ ଓ ଷ୍ଟ୍ରେଙ୍ଥ ଏବଂ କଣ୍ଡିସନିଂ ଟ୍ରେନର ନିଶାନ୍ତ ବୋରଡୋଲୋଇ ବେଙ୍ଗଲର ମ୍ୟାଚ୍ ପରେ ଶାମିଙ୍କ ଫିଟନେସର ଆକଳନ କରିବେ। ଏହାପରେ ତାଙ୍କୁ ଫିଟ୍ ରହିଥିବାର ପ୍ରମାଣପତ୍ର ମିଳିବ। ଶାମି ବେଙ୍ଗଲ ପାଇଁ ଚଣ୍ଡିଗଡ଼ ବିପକ୍ଷରେ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବେ। ସେ ବେଙ୍ଗାଲୁରୁ ଠାରେ ଦଳରେ ଯୋଗଦେଇଛନ୍ତି। ଯଦି ବେଙ୍ଗଲ କ୍ୱାର୍ଟର ଫାଇନାଲ ଓ ସେମି ଫାଇନାଲକୁ ଯାଉଛି, ତା'ହେଲେ ମଧ୍ୟ ଶାମି ଖେଳିବେ। ଶାମି ଅଷ୍ଟ୍ରେଲିଆ ବିପକ୍ଷ ଶେଷ ଦୁଇ ଟେଷ୍ଟ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଥିବା ବେଙ୍ଗଲର ମୁଖ୍ୟ କୋଚ ଲକ୍ଷ୍ମୀ ରତନ ଶୁକ୍ଲା କହିଛନ୍ତି।

୪୩ତମ ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପ୍ ଉଦ୍‌ଯାପିତ

ଜୟପୁର, ନ୍ୟୁଜ୍‌ବ୍ୟୁରୋ

୪୩ତମ ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପ୍ ଉଦ୍‌ଯାପିତ ହୋଇଯାଇଛି। ଜୟପୁର କ୍ରୀଡ଼ା କମ୍ପ୍ଲେକ୍ସ ଠାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହାନିପତି ଯୋଗ ଦେଇଥିଲେ। କ୍ରୀଡ଼ା କମ୍ପ୍ଲେକ୍ସରେ ବାହାର ଜିଲ୍ଲା ଖେଳାଳିଙ୍କ ପାଇଁ ରହିବାର ସୁବିଧା ନାହିଁ ସେଥିପାଇଁ ଏକ ହେଷ୍ଟଲର ବ୍ୟବସ୍ଥା କରିବା ପାଇଁ ଦାବି ହୋଇଥିଲା। ଏହି ଦାବିକୁ ଗୁରୁତର ସହ ନେଇ କମ୍ପ୍ଲେକ୍ସ ଭିତରେ ଖୁବ୍ ଶିଘ୍ର ଏକ ହେଷ୍ଟଲ ନିର୍ମାଣ ହେବ ବୋଲି ବିଧାୟକ ବାହିନିପତି ସୁଚନା ଦେଇଥିଲେ। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଚାମ୍ପିୟନସିପ୍ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜଲ୍ଲାର ୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ରାଜ୍ୟ ଜିମ୍ନାଷ୍ଟିକ୍ସ ରାଜ୍ୟ ସମ୍ପାଦକ ଅଶୋକ ସାହୁ, କୋଚ ଅଶୋକ ମିଶ୍ର, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ରବି ନାୟକ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ଜୈନ, କୋଚ ଇଜିପ୍ସର ଆମିନି ଗୌଡା, ଅନ୍ତର୍ଜତୀୟ ଗୋଲ୍ଡ ମେଡ଼ାଲିଷ୍ଟ ରାକେଶ କୁମାର ପାତ୍ର, ଫ୍ରାନ୍ସରୁ ଆସିଥିବା ମୁଖ୍ୟ ପ୍ରଶିକ୍ଷକ ଥିଏରି ଆଇମେସ ଉପସ୍ଥିତ ଥିଲେ। ଏଠାରେ ସବୁ ବର୍ଗର ଚମ୍ପିନିସିପ୍‌ମାନଙ୍କୁ ମେଡ଼ାଲ ଦେଇ ସମ୍ମାନିତ କରାଯାଇଥିଲା। ଏହି ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ହେଲେ ଆସନ୍ତା ଡିସେମ୍ବର ୨୦୨୪ରେ ଗୁଜୁରାଟରେ ହେବାକୁଥିବା ପ୍ରତିଯୋଗିତାରେ ଭାଗ ନେବେ। ୨୦୨୫ ରେ ଉତ୍ତରାଖଣ୍ଡରେ ଯେଉଁ ପ୍ରତିଯୋଗିତା ହେବ ସେଥିରେ ମଧ୍ୟ ଭାଗ ନେବେ ବୋଲି ସୂଚନା ଦିଆଯାଇଛି ।

ମା' ଶାରଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ : କୋଲର କ୍ରିକେଟ ଟିମ୍ ଚାମ୍ପିଅନ

ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପାଳନ୍ଦା ଖେଳ ପଡ଼ିଆରେ ମା' ଶାରଳା କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ୧୫ତମ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥପୁର ଓ କୋଲର ମଧ୍ୟରେ ୮ ଓଭର ବିଶିଷ୍ଟ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଦୁଇଟି ମ୍ୟାଚ୍‌ରେ କୋଲର ପଞ୍ଚାୟତ କ୍ରିକେଟ ଟିମ୍ ଚାମ୍ପିଅନ ହୋଇଥିଲା। ଏଥିରେ ଆକାଶ ମଲ୍ଲିକ ମ୍ୟାନ ଅଫଦି ସିରିଜ ବିବେଚିତ ହୋଇଥିଲେ। ଅନୁଷ୍ଠାନ ପକ୍ଷରୁ ଚାମ୍ପିଅନ ଦଳକୁ ଟ୍ରଫି ସହିତ ୫୦ ହଜାର ନଗଦ ଅର୍ଥ ରାଶି ଓ ରନର୍ସଅପ ଦଳକୁ ଟ୍ରଫି ସହ ୩୦ ହଜାର ଅର୍ଥ ରାଶି ପ୍ରଦାନ କରାଯାଇ ଥିଲା। ଏହି ଖେଳରେ ଅମ୍ପାୟାର ଦିବ୍ୟଜ୍ୟୋତି ପଣ୍ଡା, ବିବେକ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଏସ୍.କେ. ଆସିଫ ଅଲ୍ଲୀ ଖେଳର ବିବରଣୀ ପ୍ରଦାନ କରିଥିଲେ। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଫେସର ଡଃ. ରମାକାନ୍ତ ଭୋଇ, ଅନୁଷ୍ଠାନର ସଭାପତି ବିମଳକାନ୍ତ ମହାପାତ୍ର, ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ସରପଞ୍ଚ ଶିବପ୍ରସାଦ ସାହୁ, ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଅଶ୍ୱିନୀ ଦାସ, ବ୍ଲକ୍ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ ପ୍ରମୁଖ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଖେଳକୁ ବିକ୍ରମ ରାୟ, ବିପ୍ଳବ ରାୟ, ଦେବୀ ପ୍ରସାଦ ରାୟ, ଅନିଲ ଭୋଳ, ବିବେକ ମହାନ୍ତି, ସ୍ୱୟମ ରାଉତ, ଅଜୟ ରାଉତ, ଶ୍ରୀକାନ୍ତ ସ୍ୱାଇଁ, ଅରବିନ୍ଦ ମହାପାତ୍ର, ଅଭିଜତ ମହାନ୍ତିଙ୍କ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନା କରିଥିଲେ।

ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଭୁବନ, ନ୍ୟୁଜ୍‌ବ୍ୟୁରୋ

ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ୨୦୨୪-୨୫ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଯାଇଅଛି। ଭୁବନ ବିଡିଓ ସୁଶ୍ରୀ ଆୟୁସି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆସନ୍ତା ଜାନୁଆରୀ ୩୧ ତାରିଖରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜିତ କୁମାର ବେହେରା ଅବସର ଗ୍ରହଣ କରିବେ । ତାଙ୍କ ଉଦ୍ଦେଶ୍ୟରେ କଲେଜ ଛାତ୍ରାବାସ ଏବଂ କଲେଜ କର୍ମଚାରୀ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉକ୍ତ ଖେଳରେ ଛାତ୍ରାବାସ ଏକାଦଶ ବିଜୟୀ ହୋଇ ଅଧ୍ୟକ୍ଷଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ। ବାର୍ଷିକ କଡ଼ାରେ ଚାରୋଟି ବିଭାଗ ବାଳକ ବରିଷ୍ଠ, ବାଳକ କନିଷ୍ଠ ଓ ବାଳିକା ବରିଷ୍ଠ, ବାଳିକା କନିଷ୍ଠରେ ସୁନୀତା ବାରିକ ଚାମ୍ପିଅନ ହୋଇଥିଲେ।

ବାର୍ଷିକ କ୍ରୀଡ଼ା ଉତ୍ସବରେ କ୍ରୀଡ଼ା ଉପଦେଷ୍ଟା ଅଧ୍ୟାପକ ପ୍ରଭାତ କୁମାର ଜେନା, ଅଲେଖ ପାତ୍ର, ପ୍ରଫୁଲ୍ଲ କୁମାର ଭୂୟାଁ, ଗୌରାଙ୍ଗ ମହାରଣା, ବାସୁଦେବ ସାହୁ, ଅନିଲ କୁମାର ଧୀର,ଡ଼ ସତ୍ୟ ନାରାୟଣ ଦାସ , ଧାନି ମୁର୍ମୁ, ସଂଘମିତ୍ରା ମିଶ୍ର କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ବାର୍ଷିକ ଖେଳର ସମସ୍ତ ଖେଳକୁ ପର୍ଯ୍ୟାୟ କ୍ରମେ ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀରଙ୍କ ସମେତ ଅଧ୍ୟାପିକା ଅନ୍ନପୂର୍ଣ୍ଣା ବେହେରା, ଅଧ୍ୟାପିକା ସଂଜଳି ପରିଡା ଓ ମୁଖ୍ୟ କିରାଣୀ ତଥା ଅତିରିକ୍ତ କ୍ରୀଡ଼ା ଶିକ୍ଷକ କୈଳାସ ଚନ୍ଦ୍ର ବେହେରା କ୍ରୀଡ଼ା ପରିଚାଳନା କରିଥିଲେ।

ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାୱାର ହିଟର୍ସ ବିଜୟୀ

ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଅନ୍ତର୍ଗତ ମୟୁରପଦାଠାରେ ବନ୍ଧୁତ୍ୱପୂର୍ଣ୍ଣ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅଂଶଗ୍ରହଣକାରୀ ପ୍ରତ୍ୟେକ ଦଳ ଗୋଟିଏ ଲେଖାଏଁ ବିଜୟ ହାସଲ କରିଥିଲେ। ତେଣୁ ନେଟ ରନରେଟ ଭିତ୍ତିରେ ପାୱାର ହିଟର୍ସ ଏବଂ ଇଗଲ ଏକାଦଶ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ପାୱାର ହିଟର୍ସ ନିର୍ଦ୍ଧାରିତ ୮ ଓଭରରେ ୯୬ ରନ କରିଥିଲା। ଇଗଲ ଏକାଦଶ ୯୭ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୮ ଓଭରରେ ୭୦ ରନ୍ କରି ପରାସ୍ତ ହୋଇଥିଲା। ପାୱାର ହିଟର୍ସ ୨୬ ରେ ବିଜୟୀ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ମ୍ୟାନ ଅଫ ଦ ମ୍ୟାଚ ଭାବେ ସି.ଏଚ ମୋହନ ଏବଂ ସିରିଜ ଏ. ପ୍ରକାଶ ଚନ୍ଦ୍ର ରେଡ୍ଡୀଙ୍କୁ ବିବେଚିତ କରାଯାଇଥିଲା । ବିଜୟୀ ଦଳକୁ ମୁଖ୍ୟଅତିଥି ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ହୁମ୍ମା ସମିତି ସଭ୍ୟ ଦୁବଚରଣ ପଲାଇ, ସୁନିଲ ପ୍ରଧାନ, ସମାଜସେବୀ ସଂଜୟ ସ୍ୱାଇଁ, ତ୍ରିପତି ଆଚାରି, ପ୍ରମୋଦ ପ୍ରଧାନ, ଧରଣୀ ରେଡ୍ଡୀ ଏବଂ ବାଉରୀବନ୍ଧୁ ରେଡ୍ଡୀ ଉପସ୍ଥିତ ଥିଲେ । କ୍ରିଷ୍ଣା ରେଡ୍ଡୀ , ଟୁକୁନା ରେଡି ଏବଂ ପି. ମୋହନ ଖେଳ ପରିଚାଳନା କରିଥିବାବେଳେ, ଏ. ଦିବାକର ଧାରାବିବରଣୀ ପ୍ରଦାନ କରିଥିଲେ।

କୋହଲିଙ୍କୁ ନେଇ କମେଣ୍ଟ କଲେ ଗାଭାସ୍କର : କ୍ରିକେଟ ଜଗତରେ ଉଠିଲା ଝଡ଼

ନୂଆଦିଲ୍ଲୀ

ଅଷ୍ଟ୍ରେଲିଆ ବିପକ୍ଷରେ ପର୍ଥ ଟେଷ୍ଟ ମ୍ୟାଚ୍‌ରେ ବିରାଟ କୋହଲି ଶତକ ସହ ଫର୍ମକୁ ଫେରିଥିଲେ। ଆଡିଲେଡ୍‌ରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଶଂସକମାନେ ତାଙ୍କଠାରୁ ସମାନ ବ୍ୟାଟିଂ ଆଶା କରୁଥିଲେ, ଯାହା ମଧ୍ୟ ତାଙ୍କର ଫେବରେଟ ଗ୍ରାଉଣ୍ଡ। କିନ୍ତୁ ଏହା ଘଟିଲା ନାହିଁ । ଏହି ପିଙ୍କ ବଲ ଟେଷ୍ଟରେ କୋହଲିଙ୍କ ବ୍ୟାଟ୍ ସମ୍ପୂର୍ଣ୍ଣ ନୀରବ ରହିଥିଲା। ଉଭୟ ଇନିଂସରେ କୋହଲିଙ୍କ ବ୍ୟାଟରୁ ମୋଟ ୧୮ ରନ ଆସିଥିଲା। ପ୍ରଥମ ଇନିଂସରେ ୭ ରନ ଏବଂ ଦ୍ୱିତୀୟ ଇନିଂସରେ ମାତ୍ର ୧୧ ରନ ସ୍କୋର କରିବା ପରେ କୋହଲି ଚାଲି ଯାଇଥିଲେ। କୋହଲିଙ୍କ ଏହି ବ୍ୟାଟିଂ ଉପରେ ଗାଭାସ୍କର ଏକ ବଡ଼ ବିବୃତ୍ତି ଦେଇଛନ୍ତି। ଗାଭାସ୍କର ତାଙ୍କୁ ଡିଫେଣ୍ଡ କରି ଏକ ବିବୃତ୍ତି ଦେଇଛନ୍ତି।

ଆଡିଲେଡ ଓଭାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଉ ଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ତାଙ୍କୁ ବରଖାସ୍ତ କରାଯିବା ପରେ ପୂର୍ବତନ ଭାରତୀୟ କ୍ରିକେଟର ସୁନୀଲ ଗାଭାସ୍କର ତାରକା ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କୁ ରକ୍ଷା କରିଥିଲେ। ସୁନୀଲ ଗାଭାସ୍କର କହିଛନ୍ତି ଯେ କୋହଲି ସେହି ବଲ୍ ସହିତ କିଛି ଅଲଗା କରିପାରି ନଥିଲେ, କାରଣ ବିଶ୍ୱ ସ୍ତରୀୟ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବାକୁ ଏହା ସର୍ବୋତ୍ତମ ବଲ ଥିଲା।

ଷ୍ଟାର୍ ସ୍ପୋର୍ଟସରେ ଗାଭାସ୍କର

କହିଛନ୍ତି, 'ପ୍ରକୃତରେ ଉତ୍କୃଷ୍ଟ ବୋଲିଂ। ସେ ବାସ୍ତବରେ ଏକ ବହୁତ ଭଲ ବଲ ଯାହା ସେ ଖେଳିଥିଲେ। ଆପଣ ଏହା ପୂର୍ବରୁ ମଧ୍ୟ ଦେଖିଥିବେ ଯେ ସେ ବଲକୁ ଅଫ ସାଇଡ୍‌ରେ ବହୁତ ଭଲ ଭାବରେ ଛାଡି ଯାଉଥିଲେ। ସେ ବଲକୁ ପୁସ୍ କରି ନ ଥିଲେ। କଥାଟି ହେଉଛି ବେଳେବେଳେ ସେ ବଲକୁ ପୁସ୍ କରିବାକୁ ଚେଷ୍ଟା କରନ୍ତି । ସେ ଯାହା କରିଥିଲେ ସେଥିରେ କିଛି ଭୁଲ ନଥିଲା। ବିଶ୍ୱ ସ୍ତରର ବ୍ୟାଟ୍ସମ୍ୟାନଙ୍କୁ ଆଉଟ୍ କରିବା ପାଇଁ ଏହା ଏକ ଭଲ ବଲ ଥିଲା।

ଅଷ୍ଟ୍ରେଲୀୟ ପୂର୍ବତନ ବ୍ୟାଟ୍ସମ୍ୟାନ ମାଥ୍ୟୁ ହେଡେନ ମଧ୍ୟ କହିଥିଲେ ଯେ ସ୍କଟ ବୋଲାଣ୍ଡ କିପରି ତାଙ୍କ ଲାଇନ୍ ସହିତ ସ୍ଥିର ରହିଲେ ଏବଂ କୋହଲିଙ୍କୁ ଭୁଲ କରିବାକୁ ବାଧ୍ୟ କଲେ। ସେ କହିଛନ୍ତି, 'ମୁଁ ଅନୁଭବ କରୁଛି ଯେ ସନ୍ନି (ସୁନୀଲ ଗାଭାସ୍କର) କହିଛନ୍ତି ଯେ ତାଙ୍କୁ ଏପରି ସ୍ଥିତିରେ ରଖାଯାଉଛି ଯେଉଁଠାରେ ତାଙ୍କ ପାଖରେ ସ୍କଟ ବଣ୍ଡଙ୍କ ପରି କେହି ଅଛନ୍ତି ଯିଏ ରୁମାଲରେ ବଲକୁ ଘୁରାଉଛନ୍ତି। ସେ ପଞ୍ଚମ ଏବଂ ଚତୁର୍ଥ ଷ୍ଟମ୍ପ ଲାଇନ ଛାଡୁ ନାହାଁନ୍ତି ଏବଂ ତେଣୁ ମୁଁ ପର୍ଥରେ ସେଟଅପ କରିଥିବା ଉପାୟକୁ ମୁଁ ବହୁତ ପସନ୍ଦ କରେ। ଏହାକୁ ବହୁତ ପସନ୍ଦ କଲେ। ବଲ୍‌ର ଅତି ନିକଟତର ହୋଇ । ଏହା ଭାବିବା ଆଶ୍ଚର୍ଯ୍ୟଜନକ ଯେ ଟେଷ୍ଟ କ୍ରିକେଟ ବିଷୟରେ ଗୋଟିଏ କଥା ହେଉଛି ଆପଣଙ୍କୁ ବଲ୍‌କୁ ବହୁତ ଭଲ ଛାଡିବାକୁ ପଡିବ ଏବଂ କୋହଲି ଏପରି କରିଛନ୍ତି ଯାହା ଖେଳର ସମସ୍ତ ମହାନ ଖେଳାଳି ପ୍ରକୃତରେ କରନ୍ତି । ତୁମର ୱିକେଟ ସଞ୍ଚୟ କରିବା ବ୍ୟତୀତ ତୁମେ ଏହା କରି କୌଣସି ବ୍ୟକ୍ତିଗତ ପୁରସ୍କାର ପାଇବ ନାହିଁ ।

ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ କ୍ରୀଡ଼ା ପୁରସ୍କାର

ମାଲେଶ୍ୱରୀ, କଣ୍ଟିନୋଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର

ଭୁବନେଶ୍ୱର

ଅଲିମ୍ପିକ୍ସ ପଦକ ବିଜୟିନୀ ପଦ୍ମଶ୍ରୀ କର୍ଣ୍ଣମ ମାଲେଶ୍ୱରୀ ଓ ଭାରତୀୟ ଫୁଟ୍‌ବଲ୍ ଦଳର ପୂର୍ବତନ ଅଧିନାୟକ ବୁନୋ କଣ୍ଟିନୋଙ୍କୁ ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ (ଏସ୍‌ଏସ୍‌ଆଇ) ପକ୍ଷରୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ଦିଆଯାଇଛି। ଏସ୍‌ଏସ୍‌ଆଇ ପ୍ରତିଷ୍ଠାତା ଡାକ୍ତର ସାର୍ଥକ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଟେନିସ୍ ଅଡିଟୋରିୟମ୍‌ରେ ଆୟୋଜିତ ବାର୍ଷିକ କ୍ରୀଡ଼ା ପୁରସ୍କାର ପ୍ରଦାନ ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍

30 YEARS
ସମୟ କହିଲା
ଭୁବନେଶ୍ୱର, ୧୦ ଡିସେମ୍ବର ୨୦୨୪ ମଙ୍ଗଳବାର

ସବୁ ଜିଲ୍ଲାରେ ମେଡିକାଲ କଲେଜ

୫୦୦୦ ଡାକ୍ତର ଓ ୩୦୦୦ ପାରା ମେଡିକାଲ ଷ୍ଟାଫଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭଦ୍ରକ ଜିଲ୍ଲାରେ ଖୁବ୍‌ଶୀଘ୍ର ମେଡିକାଲ କଲେଜ ଖୋଲିବ ବୋଲି ସୋମବାର ଗୃହରେ ଘୋଷଣା କରିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ମେଡିକାଲ ନିଯୁକ୍ତି ପ୍ରକ୍ରିୟାରେ ଦୁଇଟି ସଂଶୋଧନ କରାଯାଇଛି। ଏହି କ୍ରମରେ ଖୁବ୍ ଶୀଘ୍ର ୫୦୦୦ ଡାକ୍ତର ଓ ୩୦୦୦

ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ପାଇଁ ରାଜ୍ୟ ସରକାର ବିଜ୍ଞାପନ ପ୍ରକାଶ କରିବେ। ଏଥିପାଇଁ ପ୍ରକ୍ରିୟା ଜାରି ରହିଛି।

ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ମେଡିକାଲ ନିଯୁକ୍ତି ପ୍ରକ୍ରିୟାରେ ଦୁଇଟି ସଂଶୋଧନ କରାଯାଇଛି। ଏହି କ୍ରମରେ ଖୁବ୍ ଶୀଘ୍ର ୫୦୦୦ ଡାକ୍ତର ଓ ୩୦୦୦ ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ପାଇଁ ରାଜ୍ୟ ସରକାର ବିଜ୍ଞାପନ ପ୍ରକାଶ କରିବେ। ଏଥିପାଇଁ ପ୍ରକ୍ରିୟା ଜାରି ରହିଛି। ଏଣେ ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ।

୨୦୧୪ ମସିହା ପରେ ଯେତେ ସବୁ ବଡ଼ ମେଡିକାଲ କଲେଜ ଖୋଲିଛି, ସେଥିପାଇଁ ୨୫୦ ରୁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି ବୋଲି ସେ ସୂଚନା ଦେଇଛନ୍ତି।

ବରିଷ୍ଠ ସାମ୍ବାଦିକ ବୈଷ୍ଣବ ଜେନାଙ୍କ ସ୍ମୃତିଚାରଣ ସଭା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ତଥା ଜଣେ ଦକ୍ଷ ସଂଗଠକ ଭାବେ ସାରା ରାଜ୍ୟରେ ଜଣାଶୁଣା ସ୍ୱର୍ଗତ ବୈଷ୍ଣବ ଚରଣ ଜେନାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ସୋମବାର ଉତ୍କଳ ସାମ୍ବାଦିକ ସଂଘ ପରିସରରେ ସଭାପତି ବିଭୂତି ଭୂଷଣ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ବହୁ ବିଶିଷ୍ଟ ରାଜନେତା, ବିଧାୟକ, ପୂର୍ବତନ ମନ୍ତ୍ରୀ, ବରିଷ୍ଠ ସାମ୍ବାଦିକ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ବହୁମୁଖୀ ପ୍ରତିଭା, ନିଛକ ସାମ୍ବାଦିକତା ଏବଂ ସାମାଜିକ ଜୀବନରେ ସବୁ ବର୍ଗର ସାମ୍ବାଦିକମାନଙ୍କ ସହ ଉତ୍ତମ ସମ୍ପର୍କ ଯୋଡ଼ିବାରେ ପ୍ରମୁଖ ଭୂମିକା ଓ ଅବଦାନ ଉପରେ ଆଲୋକପାତ କରିଥିଲେ। ବିଧାୟକ ଡ. ଅରୁଣ କୁମାର ସାହୁ, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଶିଷ୍ଟ କମ୍ୟୁନିଷ୍ଟ ନେତା ରାଧାକାନ୍ତ ସେଠି, ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ବିପିନ ସିଂ, ବିମଳ ଭଞ୍ଜଦେଓ, ଭାଗବତ ତ୍ରିପାଠୀ, ବିବେକାନନ୍ଦ

ଜେନା, ବିଜୟ କୁମାର ପଣ୍ଡା, ପାର୍ଥସାରଥୀ ଜେନା, ସରୋଜ ରଞ୍ଜନ ପଟ୍ଟନାୟକ, ସୁରେଶ କର, ଜୟଦେବ ବେହେରା, ମାଧବ ବେଉରା, ଅବିନାଶ ମିଶ୍ର, କିଶୋର ମଙ୍ଗରାଜ, ସୂର୍ଯ୍ୟକାନ୍ତି ନାୟକ, ସୁକାନ୍ତ ମହାନ୍ତି, ବରଦା ଶତପଥୀ, ପବିତ୍ର ମହାରଥା, ଫଟୋ ସାମ୍ବାଦିକ ଗିରିଧାରୀଲାଲ ଷଡ଼ଙ୍ଗୀ, ଅଭିମନ୍ୟୁ ମହାରଣା, ମନୋଜ ମୁଖୀ, ଗଜେନ୍ଦ୍ର ବେହେରାଙ୍କ ସମେତ ବହୁ ସଂଖ୍ୟାରେ ସାମ୍ବାଦିକ ଏହି ଅବସରରେ ଉପସ୍ଥିତ ରହି ସ୍ୱର୍ଗତ ଜେନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

୫ ବର୍ଷରେ ୫୯ ହଜାର ୪୩୭ ଲୋକ ଅନ୍‌ଲାଇନ୍ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଛନ୍ତି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଗତ ୫ ବର୍ଷ ମଧ୍ୟରେ ୫୯ ହଜାର ୪୩୭ ଲୋକ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଛନ୍ତି। ସୋମବାର ଗୃହରେ ଏଭଳି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଅନଲାଇନ ଟ୍ରେଡିଙ୍ଗ ବର୍ତ୍ତମାନ ସମୟରେ ଠକେଇର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଗତ ୫ ବର୍ଷ ଭିତରେ କେତେ ଯୁବପିଢି ଅନଲାଇନ ଟ୍ରେଡିଂ ଠକେଇର ଶିକାର ହୋଇଛନ୍ତି। ତାର ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କ ବିଧାନସଭାରେ ଜାଣିବାକୁ ଚାହିଁଥିଲେ। ଗତ ୫ ବର୍ଷ ମଧ୍ୟରେ ୫୯ ହଜାର ୪୩୭ ଲୋକ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଛନ୍ତି ।

୨୦୧୯ରେ ୧୮ ଜଣ, ୨୦୨୦ରେ ୨୮ ଜଣ, ୨୦୨୧ରେ ୨୨ ଜଣ ଏବଂ ୨୦୨୨ରେ ୧୦୫ ଜଣ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଥିଲେ । ତେବେ ୨୦୨୩ରେ ହଠାତ୍ ଏହା ଅହେତୁକ ଭାବେ ବଢ଼ି ୧୮ ହଜାର ୯୯୪ରେ ପହଞ୍ଚିଥିଲା ଆଉ ଚଳିତ ବର୍ଷ ଏହା ରେକର୍ଡ ପାର୍ କରିଛି। ଏବର୍ଷ ୧୧ ମାସରେ ୪୦ ହଜାର ୨୭୦ ଜଣ ଅନଲାଇନ ଟ୍ରେଡିଂ କରି ଠକାମିରେ ପଡ଼ିଛନ୍ତି। ଏହାର ଲିଖିତ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ୫୯ ହଜାର ୪୩୭ ଲୋକ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଛନ୍ତି । ୨୦୧୯ରେ ୧୮ ଜଣ, ୨୦୨୦ରେ ୨୮ ଜଣ, ୨୦୨୧ରେ ୨୨ ଜଣ ଏବଂ ୨୦୨୨ରେ ୧୦୫ ଜଣ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଥିଲେ । ତେବେ ୨୦୨୩ରେ ହଠାତ୍ ଏହା ଅହେତୁକ ଭାବେ ବଢ଼ି ୧୮ ହଜାର ୯୯୪ରେ ପହଞ୍ଚିଥିଲା ଆଉ ଚଳିତ ବର୍ଷ ଏହା ରେକର୍ଡ ପାର୍ କରିଛି। ଏବର୍ଷ ୧୧ ମାସରେ ୪୦ ହଜାର ୨୭୦ ଜଣ ଅନଲାଇନ ଟ୍ରେଡିଂ କରି ଠକାମିରେ ପଡ଼ିଛନ୍ତି।

ଟିପିଏନଓଡିଏଲ ପକ୍ଷରୁ ଉନ୍ନତ ଗ୍ରାହକ ସେବା ପାଇଁ ଏଲଟି ଏଫଏଲସି ପ୍ରଯୁକ୍ତିର ଶୁଭାରମ୍ଭ

କେବୁଲ ପରୀକ୍ଷା ଓ ତ୍ରୁଟି ଚିହ୍ନଟ ପାଇଁ ଭ୍ରାମ୍ୟମାଣ ଭ୍ୟାନ ମୁତୟନ

ଭୁବନେଶ୍ୱର, ନ୍ୟୁଜ

ବିଦ୍ୟୁତ୍ ବିତରଣ ବିଶ୍ୱସନୀୟତା ଏବଂ କେବୁଲ୍ ତ୍ରୁଟି ନିଦାନ ପାଇଁ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଭ୍ରାମ୍ୟମାଣ ଏଲ୍‌ଟି ଭୂତଳ ବିଦ୍ୟୁତ ତାର ତ୍ରୁଟି ଚିହ୍ନଟ (ଏଫ୍‌ଏଲସି) ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହି ଅତ୍ୟାଧୁନିକ ସମାଧାନ ୧୧ କେଭି ଏବଂ ଏଲଟି ଭୂତଳ ନେଟୱାର୍କଗୁଡିକରେ ଦକ୍ଷ କେବୁଲ ପରୀକ୍ଷଣ ଏବଂ ତ୍ରୁଟି ଚିହ୍ନଟକୁ ସହଜ କରିବା ସହ ଦ୍ରୁତ ତ୍ରୁଟି ସମାଧାନ ଏବଂ ଉନ୍ନତ ସେବା ବିଶ୍ୱସନୀୟତାକୁ ସକ୍ଷମ କରିବ। ଅତ୍ୟାଧୁନିକ ତ୍ରୁଟି ଚିହ୍ନଟ ଜ୍ଞାନକୌଶଳରେ ସଜ୍ଜିତ ୩ଟି ଏଲ୍ଟି ଏଫ୍‌ଏଲସି ପରୀକ୍ଷା ଭ୍ୟାନକୁ ବାଲେଶ୍ୱର ଟିପିଏନ୍‌ଓଡିଏଲ୍ କର୍ପୋରେଟ୍ କାର୍ଯ୍ୟାଳୟରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଦ୍ୱିଜଦାସ ବସାକ ଉଦ୍‌ଘାଟନ କରିଛନ୍ତି। ବାରିପଦା, ଯାଜପୁର ଓ କେନ୍ଦୁଝର ସର୍କଲରେ ଏହି ଭ୍ୟାନ ମୁତୟନ କରାଯାଇ ଟିପିଏନଓଡିଏଲର କାର୍ଯ୍ୟକ୍ଷେତ୍ରର ପ୍ରମୁଖ ଅଂଚଳକୁ ଅନ୍ତର୍ଭୁକ୍ତ କରାଯିବ। ଟିପିଏନଓଡିଏଲ ମୁଖ୍ୟତଃ ଗ୍ରାମାଂଚଳରେ କାର୍ଯ୍ୟ କରୁଛି ଯେଉଁଠାରେ ରେଡିୟଲ ଓଭରହେଡ୍ ନେଟୱାର୍କ ଭୂତଳ କେବୁଲ ମାଧ୍ୟମରେ ରେଳ ଲାଇନ ଏବଂ ଜାତୀୟ ରାଜପଥ ଭଳି ଗୁରୁତ୍ୱପୂର୍ଣ୍ଣ ଭିତିଭୂମିକୁ ଅତିକ୍ରମ କରିଛି। ଏଲଟି ଏଫଏଲସି ସିଷ୍ଟମ ଭୂତଳ କେବୁଲଗୁଡିକରେ ଦ୍ରୁତ ତ୍ରୁଟି ଚିହ୍ନଟ କରିବା, ବିଭ୍ରାଟ ସମୟକୁ ହ୍ରାସ କରିବା ଏବଂ ସେବା ବିଶ୍ୱସନୀୟତାକୁ ଉନ୍ନତ କରିବାରେ ସକ୍ଷମ କରିବ। ଏହାବ୍ୟତୀତ ଏହା ତୁରନ୍ତ ଏଚଟି ଏବଂ ଏଲଟି ଏରିଏଲ୍ ବଂଚଡ୍ କେବୁଲ (ଏବିସି)ରେ ଅଦୃଶ୍ୟ ତ୍ରୁଟିକୁ ଚିହ୍ନଟ କରିପାରିବ ଯାହା ପରିଚାଳନା ଦକ୍ଷତା ବୃଦ୍ଧି କରିବ। ଏହି ସଦ୍ୟତମ ସୁବିଧା ୨୦୨୨ ଅଗଷ୍ଟରେ କାର୍ଯ୍ୟକ୍ଷମ ହୋଇଥିବା ବର୍ତ୍ତମାନର ଏଚଟି ଏଫଏଲସି ସିଷ୍ଟମ (ସେଂଟ୍ରିକ୍ସ ୨.୦)କୁ ପୂରଣ କରୁଛି ଯାହାର ପରୀକ୍ଷଣ କ୍ଷମତା ୮୦ କେଭି ପର୍ଯ୍ୟନ୍ତ ରହିଛି ଏବଂ ଏହା ପ୍ରଭାବଶାଳୀ ଭାବରେ କାର୍ଯ୍ୟ ଜାରି ରଖିଛି। ଉଭୟ ସିଷ୍ଟମ ନାମମାତ୍ର ଶୁଳ୍କରେ ଏଚଟି-ଇଏଚଟି ଉପଭୋକ୍ତାଙ୍କୁ ମୂଲ୍ୟ ଯୁକ୍ତ ସେବା ଭାବରେ ଉପଲବ୍ଧ। ଏହି ଅବସରରେ ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସାକ କହିଛନ୍ତି ଯେ, "ଏହି ଏଲଟି ଏଫଏଲସି ପରୀକ୍ଷା ଭ୍ୟାନର ଶୁଭାରମ୍ଭ ପରିଚାଳନାଗତ ଉତ୍କର୍ଷତା ଏବଂ ଗ୍ରାହକଙ୍କ ସନ୍ତୋଷ ପାଇଁ ପ୍ରଯୁକ୍ତିର ଉପଯୋଗ କରିବା ପାଇଁ ଟିପିଏନଓଡିଏଲର ପ୍ରତିବଦ୍ଧତାର ପ୍ରମାଣ। ଏହି ବ୍ୟବସ୍ଥା ତ୍ରୁଟି ସୁଧାରିବା ସମୟକୁ ଯଥେଷ୍ଟ ହ୍ରାସ କରିବ ଏବଂ ଆମ ନେଟୱାର୍କରେ ଅଧିକ ବିଶ୍ୱସନୀୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବ।'' ଏହି ମାଇଲଖୁଂଟ ଟିପିଏନଓଡିଏଲର ନବସୃଜନ ପ୍ରତି ସମର୍ପଣ ଏବଂ ସମଗ୍ର ଉତର ଓଡ଼ିଶାରେ ବିଦ୍ୟୁତ ବଂଟନ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ଜାରି ରହିଥିବା ପ୍ରୟାସ ଉପରେ ଆଲୋକପାତ କରିଛି।

ଡିସେମ୍ବର ୧୧ରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ -୨୦୨୪ ର ଗ୍ରାଣ୍ଡ୍ ଫାଇନାଲ୍

ଆୟୋଜନ ପାଇଁ ଆଇଆଇଟି ଭୁବନେଶ୍ୱର ପ୍ରସ୍ତୁତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଅନ୍ୟ ୫୧ ଟି ଶିକ୍ଷାନୁଷ୍ଠାନ ମଧ୍ୟରୁ ଏକ ନୋଡାଲ୍ ଏଜେନ୍ସି ଭାବରେ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ଆଗାମୀ ୧୧ ଏବଂ ୧୨ ତାରଖରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ -୨୦୨୪ ର ସଫ୍ଟୱେର୍ ସଂସ୍କରଣର ଗ୍ରାଣ୍ଡ୍ ଫିନାଲ୍ ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛି। ଉଲ୍ଲେଖଯୋଗ୍ୟ ଯେ ଏହା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ର ସପ୍ତମ ସଂସ୍କରଣ । ଦେଶର ବିଭିନ୍ନ ପ୍ରାନ୍ତରୁ ୨୬ ଟି ଟିମ୍ ଏହି ମେଗା ଇଭେଂଟରେ ଅଂଶଗ୍ରହଣ କରିବେ ଏବଂ ଦୁଇ ଦିନ ମଧ୍ୟରେ କୋଡିଂ ଏବଂ ପ୍ରୋଗ୍ରାମିଂରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବେ । ପ୍ରତ୍ୟେକ ଟିମରେ ୫-୬ ଜଣ ସଦସ୍ୟ ଅଛନ୍ତି ।ଏହି ଦଳଗୁଡିକ ପାଂଚଟି ଜଟିଳ ସମସ୍ୟା ବିବୃତ୍ତି ପାଇଁ ଅଭିନବ ସମାଧାନର ବିକାଶ ପାଇଁ ଏକ ଉଚ୍ଚ-ଷ୍ଟକ୍ ଚ୍ୟାଲେଞ୍ଜରେ ପ୍ରତିଦ୍ୱନ୍ଦ୍ୱିତା କରିବେ ।ସମସ୍ୟା ବିବୃତ୍ତିଗୁଡ଼ିକ ହେଉଛି: 'ନିରନ୍ତରତା ପାଇଁ ନବାଚର: ଘରୋଇ ଉପକରଣ (ରେଫ୍ରିଜରେଟର, ଏୟାର କଣ୍ଡିସନର, ୱାଶିଂ ମେସିନ୍ ଏବଂ ମରୁଭୂମି ଏୟାର କୁଲର୍) ରେ ସ୍ମାର୍ଟ ରିସୋର୍ସ ସଂରକ୍ଷଣ (ଶକ୍ତି ଏବଂ ଜଳ) ; ଟେଲିଗ୍ରାମ, ହ୍ୱାଟ୍ସଆପ୍ ଏବଂ ଇନଷ୍ଟାଗ୍ରାମ ଭିତ୍ତିକ ଡ୍ରଗ୍ କାରବାର ପଛରେ ବ୍ୟବହାରକାରୀଙ୍କୁ ଚିହ୍ନଟ କରିବା ପାଇଁ ସଫ୍ଟୱେର୍ ସମାଧାନ; ଏକ କ୍ରିପ୍ଟୋକରେନ୍ସି କାରବାରର ଶେଷ ରିସିଭର୍ ଚିହ୍ନଟ କରିବାକୁ ସଫ୍ଟୱେର୍ ସମାଧାନ; ରିଅଲ୍-ଟାଇମ୍ ବିପର୍ଯ୍ୟୟ ସୂଚନା ଏକୀକରଣ ସଫ୍ଟୱେର୍; ଉନ୍ନତ ଉତ୍ପାଦନ ଏବଂ ଗୁଣବତ୍ତା ନିୟନ୍ତ୍ରଣ ପାଇଁ ଏଆଇ/ଏମ୍‌ଏଲ କିମ୍ବା କୌଣସି ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଆଲୁମିନିୟମ୍ ୱାୟର ରଡର ଭୌତିକ ଗୁଣର ଭବିଷ୍ୟ ଆକଳନ ଆଦି । ସେମାନଙ୍କୁ ଏନଡିଆରଏଫ, ଏନସିବି, ଏମଓଇ-ଇନୋଭେସନ ସେଲ, ଗୋଦରେଜ ଏବଂ ନାଲକୋ ର ମୂଲ୍ୟାଙ୍କନକାରୀମାନେ ବିଚାର କରିବେ । ହାକାଥନ୍ ବିଷୟରେ ସୂଚନା ଦେଇ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକରକହିଛନ୍ତି: "ଆଇଆଇଟି ଭୁବନେଶ୍ୱର ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୪ କୁ ଦେଶର ୫୧ ଟି ନୋଡାଲ୍ କେନ୍ଦ୍ର ମଧ୍ୟରୁ ଏକ କେନ୍ଦ୍ର ଭାବରେ ଆୟୋଜନ କରିବାକୁ ଉତ୍ସାହିତ। ଏହି କାର୍ଯ୍ୟକ୍ରମ ଆୟୋଜନ କରି, ଆଇଆଇଟି ଭୁବନେଶ୍ୱର ଏକାଡେମୀ, ଶିଳ୍ପ ଏବଂ ସରକାରଙ୍କ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଉଦ୍ୟୋଗୀ ମାନସିକତାକୁ ବୃଦ୍ଧି କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରିଛି । ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ପାଇଁ, ପ୍ରତିଷ୍ଠାନ ୧୩୦ କୋଟି ଟଙ୍କା ବ୍ୟୟରେ ଏକ ଗବେଷଣା ଓ ଉଦ୍ୟମିତା ପାର୍କର ନିର୍ମାଣ ଭଳି ଅନେକ ପ୍ରମୁଖ ପଦକ୍ଷେପ ନେଇଛି। ଏଥି ସହିତ, ୨୦୩୬ ମସିହା ସୁଦ୍ଧା ସ୍ୱତନ୍ତ୍ର ଓଡ଼ିଶାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ୧୦୦ କୋଟି ଟଙ୍କା ମୂଲ୍ୟର ୧୦୦ଟି ଷ୍ଟାର୍ଟଅପ୍ ପ୍ରସ୍ତୁତ କରିବା ପାଇଁ ମଧ୍ୟ ପ୍ରୟାସ ଜାରି ରହିଛି। ଆହୁରି ମଧ୍ୟ, ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସମସ୍ତ ପିଏଚଡି ଏବଂ ଏମ୍‌ଏସ୍ ଛାତ୍ରଛାତ୍ରୀମାନଙ୍କ ପାଇଁ 'ଗବେଷଣା ଏବଂ ଉଦ୍ୟୋଗର ପରିଚୟ' ଶୀର୍ଷକ ଏକ ପାଠ୍ୟକ୍ରମ ଆରମ୍ଭ କରିଛି ଏବଂ ବିଟେକ୍ ଛାତ୍ରଛାତ୍ରୀଙ୍କ ପାଇଁ 'ନବାଚର ଏବଂ ଉତ୍ପାଦ ବିକାଶ' ଉପରେ ଏକ ଛୋଟ ଡିଗ୍ରୀ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଯାଇଛି।" ଏସଆଇଏଚ୍-୨୦୨୪ ପାଇଁ, ୫୪ ଟି ମନ୍ତ୍ରଣାଳୟ, ବିଭାଗ, ରାଜ୍ୟ ସରକାର, ପିଏସୟୁ ଏବଂ ଶିଳ୍ପ ଦ୍ୱାରା ୨୫୦ରୁ ଅଧିକ ସମସ୍ୟା ବିବରଣୀ ଦାଖଲ କରାଯାଇଛି। ଏହି ବର୍ଷ, ଅନୁଷ୍ଠାନ ସ୍ତରରେ ଆଭ୍ୟନ୍ତରୀଣ ହ୍ୟାକାଥନ୍ରେ ଏକ ପ୍ରଭାବଶାଳୀ ୨୪୦% ବୃଦ୍ଧି ରେକର୍ଡ କରାଯାଇଛି, ଏସଆଇଏଚ୍-୨୦୨୩ ରେ ୯୦୦ ରୁ ବୃଦ୍ଧି ହୋଇ ଏସଆଇଏଚ୍-୨୦୨୪ ରେ ୨୨୪୭ ରୁ ବୃଦ୍ଧି ପାଇ ଏପର୍ଯ୍ୟନ୍ତ ଏହା ସର୍ବ ବୃହତ ସଂସ୍କରଣ ହୋଇପାରିଛି। ଅନୁଷ୍ଠାନ ସ୍ତରରେ ଏସଆଇଏଚ-୨୦୨୪ ରେ ୮୬,୦୦୦ ରୁ ଅଧିକ ଦଳ ଅଂଶଗ୍ରହଣ କରିଛନ୍ତି ଏବଂ ପ୍ରାୟ ୪୯,୦୦୦ ଛାତ୍ର ଦଳ (ପ୍ରତ୍ୟେକ ୬ ଜଣ ଛାତ୍ର ଏବଂ ୨ ଟି ମେଂଟରଙ୍କୁ ନେଇ) ଏହି ଅନୁଷ୍ଠାନଗୁଡିକ ଦ୍ୱାରା ଜାତୀୟ ସ୍ତରୀୟ ରାଉଣ୍ଡ ପାଇଁ ସୁପାରିଶ କରାଯାଇଛି। ବିଭିନ୍ନ ମନ୍ତ୍ରଣାଳୟ / ସରକାରୀ ବିଭାଗର ଅଧିକାରୀ ଏବଂ ଛାତ୍ର, ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କ ମଧ୍ୟରେ ଖୋଲା ପାରସ୍ପରିକ କଥାବାର୍ତ୍ତା ପାଇଁ ଏସଆଇଏଚ୍ ଗ୍ରାଣ୍ଡ ଫାଇନାଲ୍ ମଧ୍ୟ ଏକ ଭୂମି ଭାବରେ କାର୍ଯ୍ୟ କରେ ଯାହା ଛାତ୍ର ଏବଂ ଶିକ୍ଷକମାନଙ୍କ ପାଇଁ ଅତ୍ୟନ୍ତ ଉତ୍ସାହଜନକ ଅଟେ । ଏସଆଇଏଚ୍ ଭାରତର ନବସୃଜନ ଦୃଶ୍ୟକୁ ଗଭୀର ଭାବରେ ପ୍ରଭାବିତ କରିଛି, ଛାତ୍ର ଏବଂ ବୃତ୍ତିଗତମାନଙ୍କୁ ବାସ୍ତବ ଦୁନିଆର ଆହ୍ୱାନର ମୁକାବିଲା ପାଇଁ ସଶକ୍ତ କରିଛି । ଏହି ସଫଳତାକୁ ନିଶ୍ଚିତ କରୁଥିବା ଏକ ପ୍ରମୁଖ ଉପାଦାନ ହେଉଛି ଏସଆଇଏଚ୍ ଆଲୁମିନି ନେଟୱାର୍କ, ଯାହା ଏହାର ସୁ-ପରିକଳ୍ପିତ ପୋର୍ଟାଲ୍ ମାଧ୍ୟମରେ, ସଫଳତାର କାହାଣୀକୁ ନିରବିଚ୍ଛିନ୍ନ ଭାବରେ ଡକ୍ୟୁମେଂଟ୍ କରି ପରିବର୍ତ୍ତନଶୀଳ ଫଳାଫଳ ପ୍ରଦର୍ଶନ କରେ । ଆଜି ପର୍ଯ୍ୟନ୍ତ, ଏସଆଇଏଚ୍ ଆଲୁମିନି ୧୦୦ ରୁ ଅଧିକ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଅନେକଙ୍କର ସାମାଜିକ ଦିଗ ରହିଛି ।

ଭଦ୍ରକ ରେଳ ଷ୍ଟେସନରେ ପ୍ରମୁଖ ୟାର୍ଡ ପୁନଃନିର୍ମାଣ କାର୍ଯ୍ୟ ହେବ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଦେଶର ପ୍ରମୁଖ ଷ୍ଟେସନଗୁଡ଼ିକର ନବୀକରଣ ଏବଂ ଆଧୁନିକୀକରଣ ପାଇଁ ଭାରତୀୟ ରେଳବାଇର ବୃହତ ଯୋଜନାର ଏକ ଅଂଶ ଭାବରେ ଭଦ୍ରକ ରେଳ ଷ୍ଟେସନରେ ଗୁରୁତ୍ୱପୂର୍ଣ୍ଣ ୟାର୍ଡ଼ ପୁନଃନିର୍ମାଣ କାର୍ଯ୍ୟ ଚାଲୁରହିଛି । ପୂର୍ବତଟ ରେଳପଥ ରେଳ ନେଟୱାର୍କର ଏକ ପ୍ରମୁଖ ହବ୍, ଏହି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଟ୍ରେନ୍ ପରିଚାଳନାରେ ଉନ୍ନତି ଆଣିବାକୁ ଏହି ପ୍ରକଳ୍ପ ଲକ୍ଷ୍ୟ ରଖିଛି । ଭଦ୍ରକ ରେଳ ଷ୍ଟେସନ ଆଂଚଳିକ ଲଜିଷ୍ଟିକ୍ସ ଏବଂ ଯାତ୍ରୀ ପରିବହନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, ଯାହା ପୂର୍ବତଟ ରେଳ ଜୋନ୍ ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଅଟେ । ଏହ

ଦୈନିକ ସମୟ
ଷଷ୍ଠ ପୃଷ୍ଠା
ଭୁବନେଶ୍ୱର
୧୦ ଡିସେମ୍ବର
ମଙ୍ଗଳବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/25-27

ଭାରତ ସଫଳତାର ୩ ମନ୍ତ୍ର : ରିଫର୍ମ, ପର୍ଫର୍ମ ଓ ଟ୍ରାନ୍ସଫର୍ମ

ଜୟପୁର,୦୯/୧୨

ବର୍ତ୍ତମାନ ବିଶ୍ୱ ନିବେଶକ ଭାରତକୁ ନେଇ ଉତ୍ସାହିତ । ରିଫର୍ମ, ପର୍ଫର୍ମ ଓ ଟ୍ରାନ୍ସଫର୍ମ ମନ୍ତ୍ରକୁ ନେଇ ଭାରତ ଯେଉଁ ବିକାଶ କରିଛି ତାହା ସବୁ କ୍ଷେତ୍ରରେ ନଜର ଆସୁଛି । ଭାରତର ସଫଳତା ଗଣତନ୍ତ୍ର, ଡେମୋଗ୍ରାଫି, ଡିଡିଟାଲ ଡାଟା ଏବଂ ବିତରଣର ବାସ୍ତବିକ ଚିତ୍ର ପ୍ରଦର୍ଶିତ କରିଛି । ଏହି ଶତାବ୍ଦୀ ଟେକ୍ ଡ୍ରିଭେନ ଓ ଡାଟା ଡ୍ରିଭେନ ଯୁଗ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପିଙ୍କ୍ ସିଟି ଜୟପୁରରେ ଆୟୋଜିତ ରାଇଜିଂ ରାଜସ୍ଥାନ ଗ୍ଲୋବାଲ ସମ୍ମିଳନୀରେ ଯୋଗ ଦେଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ ମୋଦି। ସେ କହିଛନ୍ତି, ରାଜସ୍ଥାନରେ ଆର ଫ୍ୟାକ୍ଟର ରହିଛି । ରାଜସ୍ଥାନ ରାଇଜିଂ, ରିଲାୟବୁଲ, ରେସପେକ୍ଟେଭି ଓ ସମୟ ସହ ନିଜକୁ ରିଫାଇନ ବି କରିବା ଜାଣିଛି । ଆଜି ଦୁନିଆରେ ଏପରି ଏକ ବ୍ୟବସ୍ଥାର ଆବଶ୍ୟକତା ରହିଛି ଯାହା ବଡ ବଡ ସଙ୍କଟରେ ବି ମଜବୁଜ ଚାଲିବା ଦରକାର । ତାହା କେବେ ନଅଟକୁ । ଏ ନେଇ ଭାରତରେ ବ୍ୟାପକ ମାନୁଫାକ୍ଚରିଂ ବେସ୍ ରହିବା ଜରୁରୀ । ଭାରତ ସରକାର ନୀତି ଓ ନିର୍ମାଣରେ ଏମଏସଏମଇକୁ ଲଗାତାର ମଜବୁତ କରୁଛନ୍ତି । ଭାରତର ଏମଏସଏମଇ କେବଳ ଭାରତକୁ ନୁହେଁ ବରଂ ଗ୍ଲୋବାଲ ସପ୍ଲାଏ ଏବଂ ଭାଲ୍ୟୁ ଚେନକୁ ସଶକ୍ତ କରିବାରେ ବଡ ଭୂମିକା ତୁଲାଇଛି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ରାଜସ୍ଥାନ ବିକାଶ ଯାତ୍ରାରେ ଆଜି ଏକ ବଡ ଦିନ । ବିଭିନ୍ନତା ଭରା ଭାରତରେ ଡେମୋକ୍ରାସି ଏତେ ସଶକ୍ତ ହେଉଛି ଯାହା ବଡ ଉପଲବ୍ଧି । ଏହା ଦ୍ୱାରା ମାନବତାର କଲ୍ୟାଣ ହେଉଛି । ଆଜି ଭାରତର ଜନତା ତା'ର ଡେମୋକ୍ରାଟିହକ୍ ଜରିଆରେ ସ୍ଥିର ସରକାର ପାଇଁ ଭୋଟ ଦେଉଛି । ରାଜ୍ୟର ବିକାଶ ହେଲେ ଦେଶର ବିକାଶ ହୁଏ । ରାଜସ୍ଥାନ ବିକାଶର ନୂଆ ଶିଖର ଛୁଇଁଲେ ଦେଶ ବି ନୂଆ ସଫଳତାର ଶିଖର ଛୁଇଁବ । କ୍ଷେତ୍ରଫଳ ହିସାବରେ ରାଜସ୍ଥାନ ବଡ ରାଜ୍ୟ ଆଉ ରାଜସ୍ଥାନର ହୃଦୟ ବି ବଡ । ଏଠାକାର ଲୋକଙ୍କ ପରିଶ୍ରମ, ସଚ୍ଚୋଟତା, ଦେଶ ପାଇଁ କିଛି ବି କରିବାର ପ୍ରେରଣା ରାଜସ୍ଥାନର କୋଣ ଅନୁକୋଣରେ ଦେଖା ଦେଉଛି। ଚ୍ୟାଲେଞ୍ଜର ସାମ୍ନା କରିବାର ଅନ୍ୟନାମ ରାଜସ୍ଥାନ । ନୂଆ ଅବସରର ନାମ ରାଜସ୍ଥାନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବୈଜୟନ୍ତଙ୍କ ଅଧ୍ୟକ୍ଷତାରେ ପବ୍ଲିକ ଅଣ୍ଡରଟେକିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ନୂଆଦିଲ୍ଲୀ, ୯/୧୨

ସାଂସଦ ବୈଜୟନ୍ତ ପଣ୍ଡା ପବ୍ଲିକ୍ ଅଣ୍ଡରଟେକିଂ କମିଟିର ଅଧ୍ୟକ୍ଷ ହେବା ପରେ ଏହା ତାଙ୍କର ଷଷ୍ଠ ବୈଠକ। ବିଏସଏନଏଲ୍ ଓ ଟେଲିକମ୍ ମନ୍ତ୍ରଣାଳୟର ପ୍ରତିନିଧିମାନେ କମିଟି ସମ୍ମୁଖରେ ଉପସ୍ଥିତ ହୋଇ ନିଜର ପକ୍ଷ ରଖିଛନ୍ତି। ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପବ୍ଲିକ୍ ଅଣ୍ଡରଟେକିଂ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ଦେଶର ଗୁରୁତ୍ୱପୂର୍ଣ୍ଣ କମିଟି ଗୁଡ଼ିକ ମଧ୍ୟରୁ ପବ୍ଲିକ ଅଣ୍ଡରଟେକିଂ କମିଟି ଅନ୍ୟତମ। ସାଂସଦ ବୈଜୟନ୍ତ ପଣ୍ଡା ପବ୍ଲିକ୍ ଅଣ୍ଡରଟେକିଂ କମିଟିର ଅଧ୍ୟକ୍ଷ ହେବା ପରେ ଏହା ତାଙ୍କର ଷଷ୍ଠ ବୈଠକ। ଏହି ବୈଠକରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସଏନଏଲ୍) ଓ ଟେଲିକମ୍ ମନ୍ତ୍ରଣାଳୟର ପ୍ରତିନିଧିମାନେ କମିଟି ସମ୍ମୁଖରେ ଉପସ୍ଥିତ ହୋଇ ନିଜର ପକ୍ଷ ରଖିଛନ୍ତି। ବୈଠକରେ ଓଡ଼ିଶାରୁ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ସମେତ ଅନ୍ୟ ସଦସ୍ୟ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦର ପବ୍ଲିକ୍ ଅଣ୍ଡରଟେକିଂ କମିଟିରେ ଲୋକସଭାରୁ ୧୫ ଓ ରାଜ୍ୟସଭାରୁ ୭ ଜଣ ସଦସ୍ୟ ରହିଛନ୍ତି। ଏହି କମିଟି ଗତ ଅଗଷ୍ଟ ୧୪ ତାରିଖରୁ ନିଜ କାର୍ଯ୍ୟ ଆରମ୍ଭ କରିଥିବାବେଳେ ଏପର୍ଯ୍ୟନ୍ତ ୬ଟି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇସାରିଲାଣି।

ସୁରକ୍ଷା ବ୍ୟବସ୍ଥାକୁ ନେଇ ଡିଜିପିଙ୍କ ସମୀକ୍ଷା ବୈଠକ

ମାର୍ଚ୍ଚରେ କଳିଙ୍ଗ ଷ୍ଟାଡିୟମରେ ହେବ ସର୍ବ ଭାରତୀୟ ହକି ଚାମ୍ପିୟନସିପ

ଭୁବନେଶ୍ୱର,୯ ।୧୨ ନ୍ୟୁଜ ବ୍ୟୁରୋ

ଆସନ୍ତା ମାର୍ଚ୍ଚ ମାସରେ ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ୭ମୀତମ ସର୍ବ ଭାରତୀୟ ହକି ଚାମ୍ପିୟନସିପ -୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଚାମ୍ପିୟନସିପ୍‌କୁ ଶୃଙ୍ଖଳିତ, ସୁପରିଚାଳନା ସମେତ ବ୍ୟାପକ ବନ୍ଦୋବସ୍ତର ଆୟୋଜନ ସଂକ୍ରାନ୍ତରେ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଚାମ୍ପିୟନସିପ୍‌ରେ ଦେଶର ୨୭ଟି ପୁରୁଷ ଏବଂ ୧୦ଟି ମହିଳା ଟିମ୍ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଖେଳାଳିଙ୍କ ରହିବା ସ୍ଥାନ, ନିୟମିତ ଅଭ୍ୟାସ, ଅତିଥିଙ୍କୁ ସ୍ୱାଗତ, ଉଦ୍‌ଘାଟନ ଓ ଉଦ୍‌ଯାପନୀ ସମାରୋହକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଡିଜିପି ବୈଠକରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖେଳାଳିମାନେ କଳିଙ୍ଗ ଷ୍ଟାଡିୟମ ସମେତ ପୋଖରୀପୁଟ ଓ କିଟ୍ କ୍ୟାମ୍ପସ ଗ୍ରାଉଣ୍ଡରେ ଅଭ୍ୟାସ କରିବେ। ଏଥି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଏହି ଚାମ୍ପିୟନସିପ୍‌ରେ ବହୁ ଅନ୍ତର୍ଜାତୀୟ ହକି ଖେଳାଳିଙ୍କ ସମେତ ଭିଭିଆଇପି ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବିଶେଷ ଯୋଗ ଦେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଖେଳାଳିଙ୍କୁ ଆନୁସଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଏସ. କେ. ପ୍ରିୟଦର୍ଶୀ, ନିର୍ଦ୍ଦେଶକ (ଏସସିଆରବି ଏବଂ ଏସଏଫଏସଏଲ) ଡ଼. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଳ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ, ଅତିରିକ୍ତ ପୋଲିସ କମିଶନର (କଟକ-ଭୁବନେଶ୍ୱର) ଡ଼. ଉମାଶଙ୍କର ଦାଶ, ଡି.ଆଇ.ଜି.ପି (ଅପରେସନ) ଅଖିଳେଶ୍ୱର ସିଂ, ଡି.ଆଇ.ଜି.ପି (ଏସଆଇଡବ୍ଲୁ) ଡ଼. କନଓ୍ୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

ଚାଷୀ ଆନ୍ଦୋଳନକୁ ଝଟ୍‌କା: ବନ୍ଦ ରହିବ ଶମ୍ଭୁ ବର୍ଡର

ବର୍ଡର ଖୋଲିବା ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯ ।୧୨

ଦିଲ୍ଲୀ ଅଭିମୁଖେ ଯାତ୍ରା କରିବା ଜିଦ୍‌ରେ ଅଟଳ ଚାଷୀ। ହେଲେ ସ୍ଥିତିକୁ ଦୃଷ୍ଟିରେ ରଖି ଏବେ ଖୋଲିବନି ଶମ୍ଭୁ ବର୍ଡର। ଏଭଳି ଏକ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ବର୍ଡର ଖୋଲିବା ନେଇ ହୋଇଥିବା ଆବେଦନକୁ ଖାରଜ କରିଛନ୍ତି ସର୍ବୋଚ୍ଚ ଅଦାଲତ। ଏହା ସହ କହିଛନ୍ତି, ଏହି ମାମଲାରେ ପୂର୍ବରୁ ହିଁ ଆବେଦନ ପଡି ରହିଛି, ତେଣୁ ଏହା ଉପରେ ଆଉ ହେବନି ଚର୍ଚ୍ଚା । ଫଳରେ ଚାଷୀ ଦିଲ୍ଲୀ ଚଲୋ ଆନ୍ଦୋଳନ ନାରାକୁ ଲାଗିଛି

ଝଟ୍‌କା। ଦିଲ୍ଲୀ-ହରିୟାଣାକୁ ଯୋଡୁଥିବା ଶମ୍ଭୁ ବର୍ଡର ଏବେ ଆଉ ଖୋଲିବନି। ସର୍ବୋଚ୍ଚ ଅଦାଲତ ଏହାକୁ ଖୋଲିବା ନେଇ କରାଯାଇଥିବା ଆବେଦନକୁ ଖାରଜ କରିଛନ୍ତି। ଏହା ସହ ବର୍ତ୍ତମାନ ମାମଲା ଉପରେ ଚର୍ଚ୍ଚା କରିବାକୁ ମଧ୍ୟ ମନା କରିଛନ୍ତି। ସୋମବାର ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଛନ୍ତି, ପୂର୍ବରୁ ମାମଲାର ଆବେଦନ ପଡି ରହିଛି, ତେଣୁ ନୂତନ ଭାବରେ କିଛି ଚର୍ଚ୍ଚା ହେବନି। ପଞ୍ଜାବ ନିବାସୀ ଗୌରବ ଲୁଥେରାଙ୍କ ପକ୍ଷରୁ ଏହି ଆବେଦନ ହୋଇଥିଲା। ଗୌରବ ସୁପ୍ରିମକୋର୍ଟ, କେନ୍ଦ୍ର ସରକାର, ପଞ୍ଜାବ ଓ ହରିୟାଣା ସରକାରଙ୍କୁ ସବୁ ରାଜ୍ୟର ସୀମା ଖୋଲିବାର ନିର୍ଦ୍ଦେଶ ଦେବାର ଦାବି କରିଥିଲେ। ହେଲେ ତାହା ସୁପ୍ରିମକୋର୍ଟରେ ଖାରଜ ହୋଇଛି। ସରକାରଙ୍କ ନିକଟରେ ବିଭିନ୍ନ ଦାବି ନେଇ ଚାଷୀମାନେ ଦେଇଛନ୍ତି ଦିଲ୍ଲୀ ଚଲୋ ଡାକାରା। ହେଲେ ଚାଷୀଙ୍କୁ ଦିଲ୍ଲୀ ଭିତରକୁ ମିଳିପାରିନି ପ୍ରବେଶ ଅନୁମତି। ଶମ୍ଭୁ ବର୍ଡର ନିକଟରେ ଅଟକାଇ ରଖିଛି ପୋଲିସ। ସେଥିପାଇଁ ରବିବାର ଆନ୍ଦୋଳନକାରୀ ଚାଷୀ ଓ ପୋଲିସ ମଧ୍ୟରେ ହୋଇଥିଲା ସଂଘର୍ଷ। ପୁଲିସ୍ ପକ୍ଷରୁ ଚାଷୀମାନଙ୍କୁ ଦିଲ୍ଲୀ ଚଲୋ ଯାତ୍ରା ପାଇଁ ମିଳିଥିବା ଅନୁମତିପତ୍ର ଦେଖାଇବାକୁ କୁହାଯାଇଥିଲା। ଏହାକୁ ନେଇ ପ୍ରଥମେ ଯୁକ୍ତିତର୍କ ଓ ପରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିଲା। ବେଶ୍ କିଛି ସମୟ ଉତ୍ତେଜନା ପରେ ଚାଷୀମାନେ ପୁଣି ବ୍ୟାରିକେଡ ଠାରୁ ପଛକୁ ଘୁଞ୍ଚି ରାସ୍ତାରେ ବିକ୍ଷୋଭ ଆରମ୍ଭ କରିଥିଲେ।

ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି

ଭୁବନେଶ୍ୱର, ୯ ।୧୨
ନ୍ୟୁଜ ବ୍ୟୁରୋ

ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି । ଖଣ୍ଡଗିରି ସବରେଜିଷ୍ଟ୍ରାର ଅଫିସର କନିଷ୍ଠ କିରାଣି ଦେବଜାନୀ କର ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସବପ୍ଲଟ ରେଜିଷ୍ଟ୍ରି ସେଲଡିଡ୍ କରିବାକୁ ୨୦ ହଜାର ଟଙ୍କା ଦେବଜାନୀ ଦାବି କରିଥିଲେ। ଏ ସମ୍ପର୍କରେ ଅଭିଯୋଗକାରୀ ଭିଜିଲାନ୍ସରେ ଜଣାଇଥିଲେ। ସୋମବାର ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢଉ କରି ତାଙ୍କ ନିକଟରୁ ଟଙ୍କା ଜବତ କରିଥିଲେ। ଏଥିସହ ଦେବଜାନୀଙ୍କ ଅଫିସ ଓ ଘରେ ଏକକାଳୀନ ଭିଜିଲାନ୍ସ ଚଢ଼ଉ ଜାରି ରଖିଛି ବୋଲି ସୂଚନା ମିଳିଛି।

ଉପରାଷ୍ଟ୍ରପତିଙ୍କୁ ଭେଟିଲେ ବିଜେଡି ରାଜ୍ୟସଭା ସାଂସଦ

ନୂଆଦିଲ୍ଲୀ,୯/୧୨

ଉପରାଷ୍ଟ୍ରପତିଙ୍କୁ ଭେଟିଲେ ବିଜେଡି ରାଜ୍ୟସଭା ସାଂସଦ । ବିଜୁ ଜନତା ଦଳର ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ସସ୍ମିତ ପାତ୍ର, ନିରଞ୍ଜନ ବିଶି, ସୁଲତା ଦେଓ ଓ ଶୁଭାଷିଶ ଖୁଣ୍ଟିଆ ସୋମବାର ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କୁ ଉପରାଷ୍ଟ୍ରପତି ଭବନରେ ଭେଟିଛନ୍ତି । ଏନେଇ ସୋସିଆଲ ମିଡିଆ 'ଏକ୍ସ'ରେ ସୂଚନା ଦେଇଛନ୍ତି ବିଜେଡିର ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ସାଂସଦ ମାନସ ମଙ୍ଗରାଜ କହିଛନ୍ତି ଯେ ଉପରାଷ୍ଟ୍ରପତି ଶ୍ରୀ ଜଗଦୀପ ଧନଖଡ଼ଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟସଭାରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛୁ। ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ପ୍ରେରଣାଦାୟୀ ବାର୍ତ୍ତା ଓ ଚିନ୍ତାଧାରାକୁ ଆମେ ସବୁବେଳେ ଗୁରୁତ୍ୱ ଦେଇଥାଉ ବୋଲି ମଧ୍ୟ ସାଂସଦ କହିଛନ୍ତି।

ୟୁପି ମହାକୁମ୍ଭ ପାଇଁ ରେଳବାଇ ଚଳାଇବ ୧୩ ହଜାର ଟ୍ରେନ୍ : ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ ୯ ।୧୨

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମହାକୁମ୍ଭ ୨୦୨୫ ଲାଗି ରେଳବାଇ ପ୍ରସ୍ତୁତି ଅନୁଧ୍ୟାନ ନିମନ୍ତେ ବାରଣାସୀରୁ ଟ୍ରେନରେ ପ୍ରୟାଗରାଜ ପହଞ୍ଚିଛନ୍ତି। ସେ କହିଛନ୍ତି ଯେ ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ରେଳବାଇ ୩ ହଜାର ସ୍ୱତନ୍ତ୍ର ଓ ୧୦ ହଜାର ନିୟମିତ ଟ୍ରେନ ସହିତ ପାଖାପାଖି ୧୩ ହଜାର ଟ୍ରେନ ଚଳାଇବେ। ଏଥିରେ ଦେଢରୁ ୨ କୋଟି ଯାତ୍ରୀଙ୍କୁ ଟ୍ରେନ ଯାତ୍ରା ସୁବିଧା ପ୍ରଦାନ କରାଯିବ। ପୂର୍ବୋତ୍ତର ରେଳ, ଉତ୍ତର ରେଳ ଓ ଉତ୍ତର-ମଧ୍ୟ ରେଳ ଅନ୍ତର୍ଗତ ପ୍ରୟାଗରାଜସ୍ଥିତ ବିଭିନ୍ନ ଷ୍ଟେସନ ନିରୀକ୍ଷଣ କରିବା ପରେ ରେଳମନ୍ତ୍ରୀ ସାମ୍ବାଦିକଙ୍କୁ କହିଛନ୍ତି ଯେ ମୁଁ ଗଙ୍ଗା ନଦୀ ଉପରେ ନିର୍ମିତ ପୋଲର ମଧ୍ୟ ନିରୀକ୍ଷଣ କରିଛି। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁବ୍ ଶୀଘ୍ର ଉଦ୍‌ଘାଟନ କରିବେ। ଏଠାରେ ଗଙ୍ଗା ନଦୀ ଉପରେ ପାଖାପାଖି ୧୦୦ ବର୍ଷ ପରେ ପୋଲ ନିର୍ମିତ ହୋଇଛି। ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ମୁଁ ବ୍ୟକ୍ତିଗତ ଭାବେ ସୋମବାର ୫ଟି ଷ୍ଟେସନ ନିରୀକ୍ଷଣ କରିଛି। ଏହି ସବୁ ଷ୍ଟେସନର ହୋଲ୍ଡିଂ ଏରିଆ ବହୁତ ଭଲ। ଏଣୁ ଶ୍ରଦ୍ଧାଳୁ ଟ୍ରେନ ଆସିବା ପର୍ଯ୍ୟନ୍ତ ଭଲରେ ବସି ଅପେକ୍ଷା କରିପାରିବେ। ହୋଲ୍ଡିଂ ଏରିଆ ଓ ଟିକେଟରେ କଲର କୋଡିଂ ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ଶ୍ରଦ୍ଧାଳୁ ସହଜରେ ପ୍ଲାଟଫର୍ମକୁ ପହଞ୍ଚି ପାରିବେ ଓ ଉପଯୁକ୍ତ ଟ୍ରେନ ଧରିପାରିବେ। ସେ କହିଛନ୍ତି ଯେ ଏଠାରେ ପ୍ରଥମ ଥର ମୋବାଇଲ ୟୁଟିଏସ୍‌ର ଉପଯୋଗ ହେଉଛି। ଏଥିରେ ମୋବାଇଲ ଉପକରଣ ରଖିଥିବା ବ୍ୟକ୍ତି ଯାତ୍ରୀଙ୍କୁ ଟିକେଟ୍ ଉପଲବ୍ଧ କରାଇ ପାରିବେ। ଏହା ପୂର୍ବରୁ ପୁରୀରେ ଜଗନ୍ନାଥଙ୍କ ରଥଯାତ୍ରା କାଳରେ ପ୍ରଥମ ଥର ମୋବାଇଲ ୟୁଟିଏସ୍ ବ୍ୟବହାର ହୋଇଥିଲା। ସେ ଆହୁରି କହିଛନ୍ତି ଯେ ମହାକୁମ୍ଭ ଲାଗି ପ୍ରୟାଗରାଜ-ବାରଣାସୀ ମାର୍ଗରେ ରେଳ ଦୋହରୀକରଣ କରାଯାଇଛି। ସବୁ ଷ୍ଟେସନରେ ଗୋଟିଏ ଗୋଟିଏ କଣ୍ଟ୍ରୋଲ ରୁମ୍ ରହିବ ଓ ସବୁ କଣ୍ଟ୍ରୋଲ ରୁମ୍‌ର ମାଷ୍ଟର କଣ୍ଟ୍ରୋଲ ରୁମ୍ ପ୍ରୟାଗରାଜ ଷ୍ଟେସନରେ ରହିବ। ଏଠାରେ ସବୁ ଷ୍ଟେସନର ଲାଇଭ ଫିଡ ମିଳିବ। ଏହା ଛଡା ମହାକୁମ୍ଭ ନଗର ଓ ରାଜ୍ୟ ପୋଲିସ ସହ ମଧ୍ୟ ସିସିଟିଭି କ୍ୟାମେରାରେ ଫିଡ ଉପଲବ୍ଧ ହେବ।

ଶିମିଳିପାଳରୁ ଯାଇ ଝାଡଖଣ୍ଡରେ ବୁଲୁଛି ବାଘୁଣୀ 'ଜିନତ'

ବାରିପଦା, ୯/୧୨
ନ୍ୟୁଜ ବ୍ୟୁରୋ

ଶିମିଳିପାଳର ବାଘୁଣୀ 'ଜିନତ'ଏବେ ଯାଇ ଝାଡଖଣ୍ଡ ଜଙ୍ଗଲରେ ବୁଲୁଛି। ଏନେଇ ସୂଚନା ଦେଇଛନ୍ତି ଆରସିସିଏଫ୍ ପ୍ରକାଶ ଚାନ୍ଦ ଗୋଗିନେନି। ଅନ୍ୟପଟେ ଝାଡଖଣ୍ଡ ଯାଇ ଏକ ସ୍ୱତନ୍ତ୍ର ଟିମ୍ 'ଜିନତ' ଉପରେ ନଜର ରଖିଛନ୍ତି ବୋଲି ସେ କହିଛନ୍ତି। ଗତ ନଭେମ୍ବରରେ ମହାରାଷ୍ଟ୍ର ତଡ଼ବାରୁ ବାଘୁଣୀ 'ଜିନତ'କୁ ଶିମିଳିପାଳ ଅଣାଯାଇଥିଲା। ଗତ ୨୫ ନଭେମ୍ବରରେ ବାଘୁଣୀ 'ଜିନତ'କୁ ଏନକ୍ଲୋଜରରୁ ଶିମିଳିପାଳ କୋର୍ ଏରିଆରେ ଛଡ଼ାଯାଇଥିଲା। ବାଘୁଣୀକୁ ଉତ୍ତର ଶିମିଳିପାଳରେ ଛଡ଼ାଯାଇଥିବା ବେଳେ ସେ ଏବେ ଯାଇ ଝାଡଖଣ୍ଡ ଜଙ୍ଗଲରେ ପହଞ୍ଚିଥିବା ସ୍ୱଷ୍ଟ କରିଛନ୍ତି ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ଆରସିସିଏଫ୍। ସେ କହିଛନ୍ତି ଯେ ଜିନତ ନୂଆ କରି ଶିମିଳିପାଳ ଆସିଥିବାରୁ ବିଭିନ୍ନ ଆଡେ ବୁଲାବୁଲି କରୁଛି। ନିଜ ପାଇଁ ସେ ନୂଆ ଇଲାକା ବନାଇବାକୁ ଚେଷ୍ଟା କରିବ। ସେଥିପାଇଁ ସେ ନୂଆ ସ୍ଥାନ ଖୋଜିବାକୁ ଏଣେତେଣେ ବୁଲୁଛି ବୋଲି ଆରସିସିଏଫ୍ କହିଛନ୍ତି। ତେବେ ଓଡ଼ିଶାର ଏକ ସ୍ୱତନ୍ତ୍ର ଟିମ୍ ଝାଡଖଣ୍ଡରେ ରହି ବାଘୁଣୀ ଉପରେ ନଜର ରଖିଥିବା ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ନଭେମ୍ବର ୧୩ ତାରିଖରେ ମହାରାଷ୍ଟ୍ରର ତଡବା ଜଙ୍ଗଲରେ 'ଜିନତ୍'କୁ ଟ୍ରାଙ୍କୁଲାଇଜର କରାଯିବା ପରେ ଏକ ସ୍ୱତନ୍ତ୍ର ଗାଡିରେ ରାଇପୁର, ସମ୍ବଲପୁର ଏବଂ ଯଶିପୁର ବାଟ ଦେଇ ଶିମିଳିପାଳକୁ ଅଣା ଯାଇଥିଲା। ଶିମିଳିପାଳର ଏକ ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ୍ର ଯାଇ ଆଇନଗତ ପ୍ରକ୍ରିୟା ଶେଷ କରିବା ପରେ ଏହି ବାଘୁଣୀକୁ ଅଣାଯାଇଥିଲା। ଶିମିଳିପାଳରେ ୧୪ ତାରିଖ ସନ୍ଧ୍ୟା ୭ଟା ବେ